## ଆଥଲେଟିକ କ୍ଲବ ସଭାପତି, ସମ୍ପାଦକ ଚୟନ

କୁଜଙ୍ଗ,(ଡି.ଏନ୍.ଏ.): କୁଜଙ୍ଗ ଆଥଲେଟିକ କ୍ଲବର ନୂତନ ସଭାପତି ଓ ସମ୍ପାଦକ ଚୟନ କରାଯାଇଛି। ସଭାପତି ପଦରେ କୁଜଙ୍ଗ ଓକିଲ ସଂଘର ପୂର୍ବତନ ସଭାପତି ଏ.ଏନଡି. ଯାଦବ ଓ ସମ୍ପାଦକ ପଦବୀରେ ବରିଷ୍ଠ ଆଇନଜୀବୀ ସୁଶାନ୍ତ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି। ଏନେଇ ସନ୍ଧ୍ୟାରେ କ୍ଲବ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂତନ କର୍ମକର୍ତ୍ତା ଚୟନ ପରେ କ୍ରୀଡା ଭିତ୍ତିଭୂମି ସୁଦୃଢ ହେବ ବୋଲି ଆଶାବ୍ୟକ୍ତ କରାଯାଇଛି। ଏହି ବୈଠକରେ କ୍ଲବର ବରିଷ୍ଠ ସଭ୍ୟ ତଥା କୁଜଙ୍ଗ ଓକିଲ ସଂଘର ସଭାପତି ଅମୃତ ଦାସ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ରଜନୀକାନ୍ତ ଗୁରୁ, ସେକ୍ ରସିବୁଲ୍ଲା, ସେକ୍ ଚାନ୍ଦ ଓ ଧ୍ରୁବ ଚରଣ ସେଠୀ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଆଜି ଯୁକ୍ତ୨ କଳା, ଧନ୍ଦାମୂଳକ ପରୀକ୍ଷାଫଳ

**ଭୁବନେଶ୍ୱର, ୧୩।୮ (ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇବ। ଏନେଇ ଶୁକ୍ରବାର ସିଏଚ୍‌ଏସଇ ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରୀଛାତ୍ର orissaresults.nic.in ୱେବ୍‌ସାଇଟରେ ନିଜ ପରୀକ୍ଷାଫଳ ପାଇପାରିବେ।ଚଳିତବର୍ଷ କରୋନା ମହାମାରୀ ଯୋଗୁ ଯୁକ୍ତ୨ ପରୀକ୍ଷା ବାତିଲ ହୋଇଥିଲା। ବିକଳ୍ପ ପଦ୍ଧତିରେ ପିଲାଙ୍କର ମୂଲ୍ୟାୟନ କରାଯାଇଛି। ଗତ ଜୁଲାଇ ୩୧ରେ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ବାହାରିଥିଲା। ସେହି ସମୟରେ ଆଉ ୧୫ ଦିନ ମଧ୍ୟରେ କଳା ପରୀକ୍ଷାଫଳ ପ୍ରକାଶ କରାଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଥିଲା। ଚଳିତ ବର୍ଷ କଳାରେ ପାସ୍‌ହାର ୯୦% ଉପରେ ରହିବ ବୋଲି ପରୀକ୍ଷା ନିୟନ୍ତ୍ରକ ବିଜୟ ସାହୁ ସୂଚନା ଦେଇଛନ୍ତି। ତେବେ ନିଜ ଫଳାଫଳକୁ ନେଇ ଅସନ୍ତୁଷ୍ଟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇଲେ ସେମାନଙ୍କ ନିମନ୍ତେ କ'ଣ ପଦକ୍ଷେପ ଗ୍ରହଣ କରାଯିବ, ଅଫ୍‌ଲାଇନ୍‌ରେ ପରୀକ୍ଷା କରାଯିବ କି ନାହିଁ ସେ ସମ୍ପର୍କରେ ଆଗାମୀ ଦିନରେ ନିଷ୍ପତ୍ତି ନିଆଯିବ।

### ନୂତନ ଅକ୍ସିଜେନ୍ ପ୍ଲାଣ୍ଟ ଉଦ୍‌ଘାଟିତ

**ପାରାଦୀପ, ୧୩।୮ (ସ୍ୱ.ପ୍ର.):** ପାରାଦୀପରେ ଥିବା କୋଭିଡ୍ ହସ୍ପିଟାଲ ପାଇଁ ପିପିଏଲ୍ କମ୍ପାନୀ ଏକ ନୂତନ ଅକ୍ସିଜେନ୍ ପ୍ଲାଣ୍ଟ ପ୍ରଦାନ କରିଛି। ଉକ୍ତ ପ୍ଲାଣ୍ଟକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ଯୋଗେ ଉଦ୍‌ଘାଟନ କରିଛନ୍ତି। ତିର୍ତ୍ତୋଲ ଠାରେ ଆୟୋଜିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ପିପିଏଲ କମ୍ପାନୀ ମୁଖ୍ୟ ରଣଜିତ ସିଂ ଚୁଗ୍, ଜଗନ୍ନାଥ ଖୁଣ୍ଟିଆ, ସୁଧିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ଲାଣ୍ଟ ଦ୍ୱାରା ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଭିତରେ ଅକ୍ସିଜେନ୍ ଉତ୍ପାଦନ କରିବା ସହ ବଣ୍ଟନ ହୋଇପାରିବ। ଏହାକୁ ମହାରାଷ୍ଟ୍ରର ନାଇଟ୍ରୋଜେନ୍ ଇଞ୍ଜିନିୟରିଂ ସଂସ୍ଥା ନିର୍ମାଣ କରିଛି। ଉକ୍ତ ପ୍ରକଳ୍ପର ମୂଲ୍ୟ ୧୮ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି।

### ୨୨ଦଫା ଦାବିରେ ସଚେତନ ନାଗରିକ ମଞ୍ଚର ଧାରଣା

**ଏରସମା, ୧୩।୮ (ସ୍ୱ.ପ୍ର.):** ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶୁକ୍ରବାର ୨୨ ଦଫା ଦାବିରେ ଏରସମା ବ୍ଲକ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏନେଇ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ପରିଷଦର ସଦସ୍ୟ ପ୍ରସନ୍ନ କୁମାର କୁଅଁରଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ସେମାନଙ୍କ ଦାବିଗୁଡିକ ମଧ୍ୟରେ କେନାଲରେ ଜଳସେଚନ ଓ ଜଳ ନିଷ୍କାସନର ବ୍ୟବସ୍ଥା କରିବା, ଧାନ ବେପାରୀଙ୍କ କଳାବଜାର ରୋକିବା, ସମବାୟ ସମିତିର ପୁନର୍ଗଠନ କରିବା ଆଦି ଅନ୍ତର୍ଭୁକ୍ତ ରହିଛି। ଏହି ଅବସରରେ ୨୨ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ଦିଆଯାଇଥିଲା।

### ରାଜକନିକାରେ ପୋଲିସ ଦମନଲୀଳା ବନ୍ଦ ହେଉ

**କଟକ ଅଫିସ, ୧୩।୮:** ଖରସ୍ରୋତା ନଦୀରୁ ଭଦ୍ରକ ଜିଲାର କେତେକ ବ୍ଲକ ଅଞ୍ଚଳକୁ ପାଣି ଦେବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ରାଜକନିକା ଅଞ୍ଚଳର ଜନସାଧାରଣ ବିରୋଧ କରି ଆନ୍ଦୋଳନ କରିଆସୁଛନ୍ତି। କାରଣ ଏହି ନଦୀ ଉପରେ ସ୍ଥାନୀୟ ଜନସାଧାରଣ ନିର୍ଭର କରିଥାନ୍ତି। କିଛିବର୍ଷ ଧରି ଏହି ନଦୀର ଜଳସ୍ତର କମି ଆସୁଛି। ଏଠାରୁ ଭଦ୍ରକକୁ ପାଣି ନିଆଗଲେ ଜଳସ୍ତର ଆହୁରି କମିଯିବ। ସେଥିପାଇଁ ଗୁରୁବାର ଆନ୍ଦୋଳନକାରୀ ସେଠାରେ କାମ ବନ୍ଦ କରିଥିଲେ। ଯାହାଫଳରେ ସରକାର ପୋଲିସ ଜରିଆରେ ରାତି ଅଧରେ ଆନ୍ଦୋଳନକାରୀଙ୍କ ଘରେ ପଶି ଆତଙ୍କ ସୃଷ୍ଟି କରି ବହୁ ଆନ୍ଦୋଳନକାରୀଙ୍କୁ ଗିରଫ କରିଥିଲା। ଜନମତକୁ ବେଖାତିର କରି ଖରସ୍ରୋତାରୁ ଜଳ ନେବା ଓ ସ୍ଥାନୀୟ ଲୋକଙ୍କୁ ଜଳକଷ୍ଟ ଦେବାର ଏକ ସୁଚିନ୍ତିତ ଷଡ଼ଯନ୍ତ୍ରକୁ ସେହି ଅଞ୍ଚଳବାସୀ ଗଣତାନ୍ତ୍ରିକ ଭାବରେ ବିରୋଧ କରି ଆସୁଛନ୍ତି। ପୋଲିସ ଘରଗୁଡିକର କବାଟ ଝରକା ଭାଙ୍ଗିବା ସହିତ ମହିଳାମାନଙ୍କୁ ଦୁର୍ବ୍ୟବହାର କରିଛି। ଯେଉଁମାନେ ଘରେ ମିଳିଲେ ନାହିଁ ସେମାନଙ୍କୁ ଏନ୍‌କାଉଣ୍ଟର କରିବାକୁ ମଧ୍ୟ ଧମକ ଦିଆଯାଇଥିଲା। ପୋଲିସର ଏଭଳି କାର୍ଯ୍ୟକୁ ପ୍ରତିବାଦ କରି କଟକର ବିଶିଷ୍ଟ ନାଗରିକ ଚିତ୍ତରଞ୍ଜନ ମହାନ୍ତି, ପ୍ରଶାନ୍ତ ଦାସ, ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ ପ୍ରମୁଖ ଶୁକ୍ରବାର ଡିଜିପି ଅଫିସ ସମ୍ମୁଖରେ ପ୍ରତିବାଦ ଜଣାଇବା ସହ ଡିଜିପିଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ନୋଟିସ ସାର୍ବଜନୀନ ପାଇଁ ୨ ବର୍ଷ ଲାଗିଲା

**ପାରାଦୀପ ମାଛଧରା ବନ୍ଦର ପୋତାଶ୍ରୟ ସମ୍ପ୍ରସାରଣ ପ୍ରସଙ୍ଗ**

■ଫାଇଲ୍ ତଳେ ରହିଯାଇଥିଲା



ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ନୋଟିସ।



**ପାରାଦୀପ, ୧୩।୮ (ସ୍ୱ.ପ୍ର.)**

ରାଜ୍ୟରେ ସ୍ୱଚ୍ଛ ଶାସନକୁ ଗତିଶୀଳ କରିବା ପାଇଁ ସରକାର ଅନେକ ନୂଆ ନୂଆ ପଦ୍ଧତି ଆପଣଉଛନ୍ତି। ତଥାପି ପ୍ରଶାସନିକ ବ୍ୟବସ୍ଥା ତ୍ୱରାନ୍ୱିତ ହେବା ବଦଳରେ ଶିଥିଳ ହୋଇଯାଉଛି। ସରକାରଙ୍କ ପକ୍ଷରୁ ଏକ ସର୍ବସାଧାରଣ ନୋଟିସ ୧୨ ସେପ୍ଟେମ୍ବର ୨୦୧୯ରେ ଜାରି ହୋଇଥିଲା। ଉକ୍ତ ନୋଟିସକୁ ୧୧ ଅଗଷ୍ଟ ୨୦୨୧ରେ ସାର୍ବଜନୀନ କରାଯାଇଛି। ଅର୍ଥାତ ଫାଇଲରୁ ନୋଟିସ ବୋର୍ଡକୁ ଆସିବା ପାଇଁ ପାଖାପାଖି ୨ ବର୍ଷ ଲାଗିଛି।

ପ୍ରକାଶ ଥାଉକି, ପାରାଦୀପ ମାଛଧରା ବନ୍ଦର ପରିସରରେ କେବଳ ବଡ ବୋଟର ମାଛ ବିକ୍ରି କରିବା ପାଇଁ ଉଦ୍ଦିଷ୍ଟ। ଛୋଟ ଡଙ୍ଗା ମାଛ ମାଛଧରା ବନ୍ଦର ଅକ୍ସନ ହଲରେ ବିକ୍ରି କରାଯାଏ ନାହିଁ। ସେଥିପାଇଁ ୨୨୩ ଛୋଟ ଡଙ୍ଗାରେ ଉତ୍ପାଦିତ ମାଛକୁ ମତ୍ସ୍ୟଜୀବୀମାନେ ଅଠରବାଙ୍କୀ ବାଲିପ୍ଲଟରେ ବିକ୍ରି କରୁଛନ୍ତି। ଏଥିପାଇଁ ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡେ ବୋଲି ମତ୍ସ୍ୟଜୀବୀ ଟି.ବି. ରାମଣା କୁହନ୍ତି। ଏନେଇ ସେମାନେ ଗତ ୧୫ ବର୍ଷରୁ ଅଧିକ ସମୟ ହେଲା ମାଛଧରାବନ୍ଦର ପୋତାଶ୍ରୟ ସମ୍ପ୍ରସାରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାବି କରୁଛନ୍ତି। ଛୋଟ ଡଙ୍ଗା, ମାଛ ବିକ୍ରି ଓ ରହିବା ପାଇଁ ସ୍ୱତନ୍ତ୍ର ପୋତାଶ୍ରୟ ଓ ଅକ୍ସନ ହଲ କରିବା ପାଇଁ ବାରମ୍ବାର ଦାବି କରାଯାଇଛି। ଏହି ଦାବି ଉପରେ ୨୦୧୮ରେ ତତ୍କାଳୀନ ମତ୍ସ୍ୟ ସଚିବ ବିଶାଳ ଗଗନ ପାରାଦୀପ ଗସ୍ତରେ ଆସିଥିବାବେଳେ ତର୍ଜମା କରିଥିଲେ। ନୋଳିଆ ମତ୍ସ୍ୟଜୀବୀଙ୍କ ପାଇଁ ଅଲଗା ଫିସିଂ ହାରବର କରିବା ପାଇଁ ଘୋଷଣା କରିଥିଲେ। ଏଥିପାଇଁ ମାଛଧରାବନ୍ଦର ସନ୍ନିକଟ ହେଲିପ୍ୟାଡ ପାଖ କାଉଡିଆ ନଦୀ ପାଖରେ ଜମି ସ୍ଥିରୀକୃତ ହୋଇଥିଲା। ତତ୍କାଳୀନ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଏକାଧିକ ଥର ଗସ୍ତ କରି ନୂତନ ହାରବର ପାଇଁ ଆବଶ୍ୟକ ସରକାରୀ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହିକ୍ରମରେ ଫିସିଂ ହାରବର ପାଇଁ ଜମି ହସ୍ତାନ୍ତର କରିବାକୁ କୁଜଙ୍ଗ ତହସିଲଦାର ୧୨।୯।୨୦୧୯ରେ ସର୍ବସାଧାରଣ ନୋଟିସ ଜାରି କରିଥିଲେ। ଉକ୍ତ ନୋଟିସ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ଷଣ୍ଢକୁଦ ମୌଜା, ମତ୍ସ୍ୟବିଭାଗ ନୋଟିସ ବୋର୍ଡ, ଓ ପାରାଦୀପ ପୌରପରିଷଦ ନୋଟିସ ବୋର୍ଡରେ ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଉକ୍ତ ନୋଟିସ ପୌରପରିଷଦ ନୋଟିସ ବୋର୍ଡରେ ଗୁରୁବାର ସାର୍ବଜନୀନ କରାଯାଇଛି। ନୋଟିସରେ ଦର୍ଶାଯାଇଛି, ଷଣ୍ଢକୁଦ ମୌଜାର ଖାତା ନଂ. ୨୪,ପ୍ଲଟ ନଂ. ୧୨୧, ରକବା ଏ ୪୫-୦୫ କିସମ ଜଙ୍ଗଲ ଦ୍ୱୟକୁ ବର୍ଦ୍ଧିତ ମାଛଧରାବନ୍ଦର ପୋତାଶ୍ରୟ ଓ ସମ୍ପ୍ରସାରଣ ଲିଜ୍ ମଞ୍ଜୁର ପାଇଁ ପ୍ରସ୍ତାବ ହୋଇଛି। ଏହା ଜିଲା ମତ୍ସ୍ୟ ଅଧିକାରୀଙ୍କୁ ପ୍ରଦାନ କରାଯିବ। ଏଥିରେ ଯଦି କାହାର କିଛି ଅଭିଯୋଗ ଥାଏ ତାହେଲେ ସେ ୨୦ ଟଙ୍କାର କୋର୍ଟ ଫି ଦେଇ ୩୦ ଦିନ ମଧ୍ୟରେ ଅଭିଯୋଗ କରିପାରିବ। ଧାର୍ଯ୍ୟ ସମୟ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ନୋଟିସ ସମ୍ପର୍କରେ ଅଭିଯୋଗ ପାଇଁ ୩୦ ଦିନ ଥିବାବେଳେ, ସାର୍ବଜନୀନ ୨ ବର୍ଷ ପରେ ହୋଇଛି। ନୋଟିସ ସାର୍ବଜନୀନ କରିବା ପାଇଁ ପୌର କାର୍ଯ୍ୟାଳୟରେ ଉପସ୍ଥିତ ଥିବା ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ର କହିଛନ୍ତି, ଚିଠି ଫାଇଲ ଭିତରେ ରହି ଯାଇଥିଲା। ମୁଁ ଅଳ୍ପ ଦିନ ତଳେ ଏଠାରେ ଯୋଗଦେଇଛି। ନୋଟିସ କ'ଣ ପାଇଁ କାର୍ଯ୍ୟକାରୀ ହୋଇନାହିଁ ସେ ବିଷୟରେ ଜାଣି ନାହିଁ। ଏବେ ନୋଟିସକୁ ରେଗୁଲାଇଜ କରିବା ପାଇଁ ଉଦ୍ୟମ କରୁଛୁ ବୋଲି ସେ ସ୍ୱିକାର କରିଥିଲେ।

## ଦୁଇ ଥାନା ଅଧିକାରୀଙ୍କ ବିରୋଧରେ ଅଭିଯୋଗ

**କେନ୍ଦ୍ରାପଡ଼ା ଅଫିସ, ୧୩।୮**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନାରେ ମନାଇଡିହ ଗାଁର ପ୍ରମିଳା ରାଉତ ଶୁକ୍ରବାର ଜିଲାର ଦୁଇ ଥାନା ଅଧିକାରୀଙ୍କ ବିରୋଧରେ ମାଡ ମାରିବା, ଲୁଟ୍ ଓ ହତ୍ୟା ଧମକ ଦେବା ଭଳି ସଙ୍ଗିନ ଅଭିଯୋଗ ଆଣି ପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ପ୍ରମିଳା କହିଛନ୍ତି, ଗୁରୁବାର ରାତି ପ୍ରାୟ ଗୋଟାଏ ସମୟରେ ରାଜକନିକା ଥାନା ଅଧିକାରୀ ଉମାକାନ୍ତ ନାୟକ ଓ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସାମନ୍ତରାୟ ଘରକୁ ଆସିଥିଲେ। କବାଟ ବାଡାଇବାରୁ ଘରେ କେହି ବୟସ୍କ ଲୋକ ନ ଥିବାରୁ ଘର ଖୋଲି ନ ଥିଲୁ। ତେବେ ବାରମ୍ବାର କବାଟ ବାଡାଇବାରୁ ଥାନା ଅଧିକାରୀ ଜାଣି ଖୋଲିଥିଲୁ। ସେମାନେ ସ୍ୱାମୀ ଶରତ ଓ ଦେଢଶୁର ନିରାକାରଙ୍କୁ ଖୋଜିଥିଲେ। ସ୍ୱାମୀ ଓ ଦେଢଶୁର ଘରେ ନ ଥିବା ଦେଖି ଆଲମିରା ଖୋଲି ଲକରରେ ଥିବା ସୁନା ଗହଣା ଓ ୩୨ ହଜାର ଟଙ୍କା ନେଇ ଯାଇଥିଲେ। ଏଥିରେ ବଡପୁଅ ବିରୋଧ କରିବାରୁ ମାଡ ମାରି ମୋବାଇଲ ଛଡାଇ ନେଇଛନ୍ତି।


ପ୍ରମିଳା ରାଉତ ଅଭିଯୋଗପତ୍ରକୁ ଦେଖାଉଛନ୍ତି।

ଏଥିସହ ଥାନାରେ ଶରତ ଓ ନିରାକାର ଆତ୍ମ ସମର୍ପଣ ନ କଲେ ଏନକାଉଣ୍ଟର କରିବୁ ବୋଲି ଧମକ ଦେଇଛନ୍ତି। ରାଜକନିକା ଥାନାରେ ଅଭିଯୋଗ ପତ୍ର ଦେଇଥିଲେ ମଧ୍ୟ ଏହାକୁ ଅଦ୍ୟାବଧି ମାମଲାରେ ପଞ୍ଜୀକୃତ କରାଯାଇନାହିଁ। ଏ ନେଇ ସେ କୋର୍ଟରେ କେସ କରିବେ ବୋଲି ସୂଚନା ଦେଇଛନ୍ତି। ପୋଲିସର ଏହି ଉଗ୍ରରୂପ ଦେଖି ଜୀବନ ପ୍ରତି ବିପଦ ଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ନାୟକଙ୍କୁ ପଚାରିବାରୁ ପ୍ରଶ୍ନକୁ ଆଡେଇ ଯାଇଛନ୍ତି।

## ଠକେଇ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

■ବିବାହର ପ୍ରତିଶ୍ରୁତି ଦେଇ ଲୁଟି ଥିଲେ

■୧୫୦ ଗ୍ରାମ ସୁନା ସହ ନଗଦ ଟଙ୍କା ଜବତ

**ପଟ୍ଟାମୁଣ୍ଡାଇ, ୧୩।୮ (ସ୍ୱ.ପ୍ର.)**

ସିଲାଇ ମେଶିନ ଶିଖାଇବା ଆଳରେ ଯୁବତୀଙ୍କୁ ଘରକୁ ଡକାଇ ଭଲ ପାଇବାର ନାଟକ କଲେ। କଥା ଆଗକୁ ବଢ଼ିବା ପରେ ବିବାହର ପ୍ରତିଶ୍ରୁତି ଦେଲେ। ଉଭୟ ସ୍ୱାମୀ-ସ୍ତ୍ରୀ ହୋଇ ଘର ସଂସାର, ପରିବାର ପ୍ରଲୋଭନ ଦେଖାଇଲେ। ଶେଷରେ ଯୁବକଙ୍କ ଏଭଳି ମିଠା ପ୍ରଲୋଭନରେ ଫସିଗଲେ ଯୁବତୀ ଜଣକ। ପରିବାର ଲୋକେ ତାଙ୍କ ବାହାଘର ପାଇଁ ଯାହା ସବୁ ଆୟ, ଅଳଙ୍କାର ତିଆରି କରିଥିଲେ ସବୁ ଘରୁ ଆଣି ଯୁବକଙ୍କୁ ଦେଇଦେଲେ। ଖାଲି ସେତିକି ନୁହେଁ, ଯୁବତୀ ଜଣକ ବାପାଙ୍କ କଷ୍ଟ ଉପାର୍ଜିତ ମୋଟା ଅଙ୍କର ଅର୍ଥ ମଧ୍ୟ ଯୁବକଙ୍କୁ ଦେଇ ଦେବା ପରେ ପ୍ରତାରଣାର ଶିକାର ହେଲେ। ଯୁବକ ଜଣକ ରୋକ୍‌ଠୋକ୍ ବିବାହ କରିବା ପାଇଁ ମନା କରିଦେଲେ। ସମ୍ପର୍କକୁ ମଧ୍ୟ ଫାଙ୍କିଦେଲେ। ବିଚରା ଯୁବତୀ ଜଣକ ଶେଷରେ ଘର ଲୋକଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ମାମଲା ପଟ୍ଟାମୁଣ୍ଡାଇ ଥାନାକୁ ଗଲା। ଆଉ ଶେଷରେ ଠକେଇ ମାମଲାରେ ଠକ ପ୍ରେମିକ ଜଣକ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ଏଭଳି ଘଟଣା ଘଟିଛି ପଟ୍ଟାମୁଣ୍ଡାଇ ଚଉଦକୁଲାଟ ଫାଣ୍ଡି ଅଧୀନ ଧୋୟାଞ୍ଚଳରେ।

ଗ୍ରାମର ଶିକ୍ଷିତ ବେକାର ଯୁବକ ଅବିନାଶ ରାଉତ ଘରକୁ ଘର ବୁଲି ପିଲାମାନଙ୍କୁ ଟିଉସନ କରନ୍ତି।



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ତେବେ ମେଶିନରେ ସିଲାଇ କାର୍ଯ୍ୟ ଜାଣିଥିବାରୁ ସମ୍ପୃକ୍ତା ଯୁବତୀଙ୍କୁ ଶିଖାଇ ଦେବାକୁ କହିଲେ। ଯୁବତୀ ଜଣକ ପ୍ରତିଦିନ ସିଲାଇ ଶିଖିବା ପାଇଁ ଅବିନାଶଙ୍କ ଘରକୁ ଆସନ୍ତି। ଅବିନାଶ ଅବିବାହିତ ଥିବାରୁ ଯୁବତୀଙ୍କୁ ତାଙ୍କ ନିଜ ଆଡ଼କୁ ଆକୃଷ୍ଟ କରାଇବାକୁ ଉଦ୍ୟମ କରି ସଫଳ ହେଲେ। ପରେ ସମ୍ପର୍କ ଆଗକୁ ବଢ଼ିବାରୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ବିଭିନ୍ନ ସମୟରେ ୧୦ଟି ସୁନା ଚେନ, ୯ଟି ସୁନାମୁଦି, ସୁନା ବ୍ରେସ୍‌ଲେଟ, ସୁନା କାନଫୁଲ, ମଙ୍ଗଳସୂତ୍ର ଆଦି ପ୍ରାୟ ୧୫୦ ଗ୍ରାମର ଅଳଙ୍କାର ଓ ୯୦ ହଜାର ଟଙ୍କା ଠକି ନେଇଥିଲେ। ପରବର୍ତ୍ତୀ ସମୟରେ ଯୁବତୀ ଜଣକ ବିବାହ ପାଇଁ ଜିଦ୍ ଧରିବାରୁ ଅବିନାଶ ତାଙ୍କ ସମ୍ପର୍କକୁ ଫାଙ୍କି ଦେଇଥିଲେ। ଯୁବତୀଙ୍କଠାରୁ ନେଇଥିବା ସୁନା ଓ ନଗଦ ଟଙ୍କା ବିଷୟରେ କିଛି ଜାଣିନାହାନ୍ତି ବୋଲି କହିଥିଲେ। ନିରୁପାୟ ହୋଇ ଯୁବତୀ ଜଣକ ପରିବାର ଲୋକଙ୍କୁ ଜଣାଇବାରୁ ଚଉଦକୁଲାଟ ଫାଣ୍ଡିରେ ମାମଲା ଦାଏର ହୋଇଥିଲା। ଫାଣ୍ଡି ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ଅବିନାଶଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ପୋଲିସରେ ଅଭିଯୋଗ ହୋଇଥିବା ଜାଣିବା ପରେ ଅବିନାଶ ରାଜ୍ୟ ବାହାରକୁ ଖସି ପଳାଇ ଯିବାକୁ ଉଦ୍ୟମ କରୁଥିଲେ। ଫାଣ୍ଡି ଅଧିକାରୀ ସେଠୀ ତାଙ୍କର ପିଛା କରି ଗିରଫ କରିବାରେ ସକ୍ଷମ ହୋଇଥିଲେ। ଅବିନାଶଙ୍କଠାରୁ ସମସ୍ତ ଅଳଙ୍କାର ପୋଲିସ ଜବତ କରି ଅଭିଯୋଗକାରିଣୀଙ୍କୁ ହସ୍ତାନ୍ତର କରିଥିବାବେଳେ ୯୦ ହଜାର ଟଙ୍କାରୁ ୯ହଜାର ୫୦୦ ଟଙ୍କା ପୋଲିସ ଜବତ କରିଛି। ଜେରା ବେଳେ ଅନ୍ୟ ଟଙ୍କା ଖର୍ଚ୍ଚ କରି ଦେଇଥିବା ଅଭିଯୁକ୍ତ ଅବିନାଶ ପୋଲିସ ଆଗରେ କହିଛି।

## ନିଖୋଜ ନାବାଳିକା, ମହିଳା ଭୁବନେଶ୍ୱରରୁ ଉଦ୍ଧାର

**ରଘୁନାଥପୁର, ୧୩।୮ (ଡି.ଏନ୍.ଏ.)**

ରଘୁନାଥପୁର ଥାନା ଅଞ୍ଚଳରୁ ନିଖୋଜ ଥିବା ଜଣେ ନାବାଳିକା ଓ ମହିଳାଙ୍କୁ ଶୁକ୍ରବାର ଭୁବନେଶ୍ୱର ଏଆରପୋର୍ଟ ଥାନା ପଳାଶପୁର ଅଞ୍ଚଳର ଏକ ଭଡାଘରୁ ପୋଲିସ ଉଦ୍ଧାର କରିଛି। ନାବାଳିକାଙ୍କ ନିଖୋଜ ସମ୍ପର୍କରେ ତାଙ୍କ ମା' ଗତ ଜୁନରେ ରଘୁନାଥପୁର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୮୪/୨୧)ରୁଜୁ କରିଥିଲା। ସେହିପରି ଉକ୍ତ ଥାନା ଅଞ୍ଚଳର ସମ୍ପୃକ୍ତା ମହିଳା ନିଖୋଜ ଥିବା ନେଇ ମଧ୍ୟ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଉଭୟ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଜାରି ରଖିଥିଲା। କୌଣସି ସୂତ୍ରରୁ ଖବର ପାଇ ରଘୁନାଥପୁର ଥାନା ଏସ୍‌ଆଇ ଗୟାସ ମହମ୍ମଦ ପଳାଶପୁରସ୍ଥିତ ଭଡାଘରୁ ସମ୍ପୃକ୍ତା ନାବାଳିକା ଓ ସମ୍ପୃକ୍ତା ମହିଳାଙ୍କୁ ଉଦ୍ଧାର କରି ଉଭୟଙ୍କ ବୟାନ ରେକର୍ଡ କରିଛି। ନାବାଳିକା ଜଣେ ଗରିବ ଶ୍ରେଣୀର ହୋଇଥିବାବେଳେ ତାଙ୍କ ମା' ସମ୍ପୃକ୍ତା ମହିଳାଙ୍କ ରଘୁନାଥପୁରସ୍ଥିତ ବାସଭବନରେ କାମ କରୁଥିଲେ। ସମ୍ପୃକ୍ତା ମହିଳା କୌଣସି କାରଣରୁ ଘର ଛାଡି ଚାଲିଯିବାକୁ ବାହାରିବାରୁ ନାବାଳିକା ଜଣକ ମଧ୍ୟ ସ୍ୱଇଚ୍ଛାରେ ତାଙ୍କ ସହ ଚାଲି ଆସିଥିଲେ ବୋଲି ବୟାନରେ ଦର୍ଶାଇଛନ୍ତି ଏହାପରେ ନାବାଳିକାଙ୍କୁ ତାଙ୍କ ମା'ଙ୍କ ଜିମାରେ ଛଡ଼ାଯାଇଛି।

## ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଫ୍ରିଡମ୍ ରନର ଶୁଭାରମ୍ଭ


ଯୁବତୀଯୁବକମାନେ ଦୌଡୁଛନ୍ତି।

**ଡେରାବିଶ ୧୩।୮ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ପତିତପାବନ ଯୁବକ ସଂଘ ଓ ଜିଲା ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଫ୍ରିଡମ୍ ରନ୍ ୨୦୨୧ ଶୁକ୍ରବାର ଶୁଭାରମ୍ଭ ହୋଇଛି। ସ୍ୱାଧୀନତାର ୭୫ ବର୍ଷ ପାଳନ ଅବସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜାଦିକା ଅମୃତ ମହୋତ୍ସବ ପାଳନ କରାଯାଉଛି। ଶୁକ୍ରବାର ବ୍ଲକସ୍ତରୀୟ କାର୍ଯ୍ୟକ୍ରମକୁ କ୍ରୀଡାବିତ୍ ନାରାୟଣ ଚନ୍ଦ୍ର ବାରିକ ଉଦ୍‌ଘାଟନ କରିଥିଲେ। ଏଥିରେ ସାମାଜିକ କର୍ମୀ ଆଶୁତୋଷ ରାଉତ ଓ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଲକ୍ଷ୍ମୀକାନ୍ତ ଜେନା ଯୋଗ ଦେଇଥିଲେ। ଏହି ଫ୍ରିଡମ୍ ରନ୍ ସମ୍ପର୍କରେ ଜୀବନଧାରାରେ ଶରୀର ଚର୍ଚ୍ଚାକୁ ପ୍ରାଧାନ୍ୟ ଦେଇ ଆଳସ୍ୟ, ଅବସାଦ ଓ ରୋଗବ୍ୟାଧିଠାରୁ ଦୂରେଇ ରହିବାକୁ ଦୈନିକ ଅଧ ଘଣ୍ଟା ଦୌଡ଼ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ୭୫ ଜଣ ଯୁବକ ଭାଗ ନେଇଥିଲେ। ଜାତୀୟ ସଙ୍ଗୀତ ଗାନ ପରେ ସମସ୍ତ ପ୍ରତିଯୋଗୀ ଶପଥପାଠ କରିଥିଲେ। କୁରୁଜଙ୍ଗା ହାଇସ୍କୁଲଠାରୁ ଆରମ୍ଭ ହୋଇଥିବା ଏହି ଫ୍ରିଡମ୍ ରନ୍ ପ୍ରାୟ ୨ କି.ମି. ଯାଏ ଅନୁଷ୍ଠିତ ହୋଇ ପଞ୍ଚାୟତ କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା। ଏହି ଫ୍ରିଡମ୍ ରନ୍ କାର୍ଯ୍ୟକ୍ରମ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ଅନୁଷ୍ଠିତ ହେବା ସହ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ଉଦ୍‌ଯାପିତ ହେବ ବୋଲି ଜେନା ସୂଚନା ଦେଇଛନ୍ତି।

## ଅନଶନକାରୀ ପରିବେଶବିତ୍‌ଙ୍କୁ ମିଳିନି ସ୍ୱାସ୍ଥ୍ୟସେବା

**କେନ୍ଦ୍ରାପଡ଼ା ଅଫିସ, ୧୩।୮**

ଜାତୀୟ ଉଦ୍ୟାନ ଭିତରକନିକାର ସୁରକ୍ଷା ଦାବି କରି ପରିବେଶବିତ ତଥା ଭିତରକନିକା ଇକୋ ସେନସେଟିଭ ଜୋନ ମନିଟରିଂ ଜୋନ କମିଟି ସଦସ୍ୟ ଶ୍ରୀକାନ୍ତ ନାୟକ ମଙ୍ଗଳବାରଠାରୁ ଗରାପୁରସ୍ଥିତ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଅନଶନକୁ ୪ ଦିନ ବିତି ଯାଇଥିଲେ ହେଁ ଜିଲା ପ୍ରଶାସନ ପକ୍ଷରୁ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇନାହିଁ। ଏହାକୁ ନେଇ ସାମାଜିକ କର୍ମୀମାନେ କ୍ଷୋଭ ପ୍ରକାଶ ସହ ସାମାଜିକ ଗଣମାଧ୍ୟମରେ ଜିଲା ପ୍ରଶାସନର ଏପରି କାର୍ଯ୍ୟକୁ ସମାଲୋଚନା କରାଯାଉଛି। ଏ ସମ୍ପର୍କରେ ସାମାଜିକ କର୍ମୀ ଗୌତମ ସାହୁ, ଦମନ କୁମାର ମହାନ୍ତି, ସ୍ୱରାଜ କୁମାର ସାମଲ ପ୍ରମୁଖ କହିଛନ୍ତି, ଭିତରକନିକା ଏକ ଜାତୀୟ ସମ୍ପତ୍ତି। ଏହାର ଜୈବ ବିବିଧତାର ରକ୍ଷା ସମଗ୍ର ଦେଶବାସୀଙ୍କ ଦାୟିତ୍ୱ। ତେବେ ଖରସ୍ରୋତା ନଦୀରେ ବିଭିନ୍ନ ମେଗା ପାନୀୟ ଜଳ ପ୍ରକଳ୍ପ ଫଳରେ ଏହି ଆର୍ଦ୍ରଭୂମିକୁ ମଧୁର ଜଳ ହ୍ରାସର ଆଶଙ୍କା ସୃଷ୍ଟି ହୋଇଛି। ଏହି ଅଞ୍ଚଳ ପାଇଁ ଆବଶ୍ୟକ ମଧୁର ଜଳର ପରିମାଣ ନିଷ୍ପତ୍ତି ପର୍ଯ୍ୟନ୍ତ ମେଗା ପାନୀୟ ଜଳ ପ୍ରକଳ୍ପକୁ ବନ୍ଦ ଦାବିରେ ସେ ଅନଶନରେ ବସିଛନ୍ତି। ଏ ସମ୍ପର୍କରେ ଜିଲା ପ୍ରଶାସନର ଆଲୋଚନା ତ ଦୂରର କଥା ଥରେ ହେଲେ ମାନବିକତା ଦୃଷ୍ଟିରୁ ଅନଶନକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଉନାହାନ୍ତି। ଅପରପକ୍ଷରେ ପରିବେଶବିତ ଶ୍ରୀକାନ୍ତଙ୍କ ସମ୍ଭାବନା ଅନୁଷ୍ଠାନରେ ଥିବା ପ୍ରାୟ ୩୦ ହଜାର ଚାରା ଗଛ ଥିବା ଜମିକୁ ଶୁକ୍ରବାର ମାପଚୁପ କରାଯାଇଛି। ଯାହା ସୌଜନ୍ୟତା ଦୃଷ୍ଟିରୁ ଠିକ୍ ନୁହେଁ ବୋଲି ସେମାନେ କହିଛନ୍ତି।


ଅନଶନରତ ଶ୍ରୀକାନ୍ତ ନାୟକ।

## ୯ନଂ. କେନାଲ ବନ୍ଧ ଭାଙ୍ଗି କୃତ୍ରିମ ବନ୍ୟା

**ରୁଆ ଧାନ ଫସଲ ନଷ୍ଟ, ପୋଖରୀରୁ ମାଛ ଯାଆଁଳ ଉଠିଗଲେ**

**ଡେରାବିଶ, ୧୩।୮ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ସବଳଙ୍ଗ ନିକଟରେ କେନ୍ଦ୍ରାପଡ଼ା ମୁଖ୍ୟ କେନାଲର ୯ନଂ. ବ୍ରାଞ୍ଚ କେନାଲ ବନ୍ଧ ଶୁକ୍ରବାର ଭାଙ୍ଗି ଯାଇଛି। ଫଳରେ ସବଳଙ୍ଗ ଗହିରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବ୍ୟାପକ ରୁଆ ଧାନ ଫସଲ ନଷ୍ଟ ହେବା ସହ ମାଛ ପୋଖରୀରୁ ଯାଆଁଳ ବାହାରି ଯାଇଥିବା ଅଭିଯୋଗ ହୋଇଛି।

କେନ୍ଦ୍ରାପଡ଼ା ମୁଖ୍ୟ କେନାଲର ଦକ୍ଷିଣ ପାର୍ଶ୍ୱ କଟକ-ଚାନ୍ଦବାଲି ରାଜରାସ୍ତାର ଶୁକରପଡ଼ାଠାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପିଚୁ କରାଯାଇ କେନାଲ୍‌ର ସର୍ଭିସ୍ ରୋଡ ଭାବେ ବ୍ୟବହାର କରାଯିବା ସହ ଲୋକଙ୍କ ଯାତାୟାତ ପାଇଁ ବ୍ୟବହାର କରାଯାଉଛି। ଜଳସେଚନ ବିଭାଗ ଉଭୟପାର୍ଶ୍ୱ ବନ୍ଧର ମରାମତି ପାଇଁ ଉତ୍ତରଦାୟୀ ରହିଥିବା ବେଳେ ଦକ୍ଷିଣପାର୍ଶ୍ୱ ବନ୍ଧର ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗ ନେଇଛି। ଜଳସେଚନ ବିଭାଗ କେନାଲର ମାତ୍ର ଗୋଟିଏ ପାର୍ଶ୍ୱ ବନ୍ଧ ମରାମତି ଦାୟିତ୍ୱ ନେଇଥିବା ବେଳେ ଏହାକୁ ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ କରୁନାହିଁ। ଚଳିତବର୍ଷ ଜଳସେଚନ ବିଭାଗ ଦ୍ୱାରା ଏକ ଜେସିବି ଲଗାଯାଇ ବନ୍ଧ ଉପରୁ ମାଟି ତାଡ଼ି ତାକୁ ସମତଳ କରାଯାଇଛି। ବନ୍ଧ ସୁଦୃଢ଼ୀକରଣ ନାମରେ ଅର୍ଥ ହରିଲୁଟ କରାଯାଇଛି ବୋଲି ଅଭିଯୋଗ ହେଉଛି। କେନାଲରେ ପାଣି ଆସିବା ପରେ ସବଳଙ୍ଗ ନିକଟରେ କେନାଲରେ ଏକ ବଡ଼ ଘାଇ ହୋଇଛି। ଫଳରେ କେନାଲର ସମସ୍ତ ପାଣି ଗହୀର ମଧ୍ୟରେ ପଶିଯିବାରୁ ନଗଦ ରୁଆ ଧାନ ତଳି ଏବେ ସମ୍ପୂର୍ଣ୍ଣ ବୁଡ଼ି ରହିଛି, ଯାହାକି ପଚି ନଷ୍ଟ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ଏହାଛଡ଼ା ମାଛଚାଷ ପାଇଁ ଗହୀରରେ ଥିବା ୩ ପୋଖରୀରେ ଅତ୍ୟଧିକ ପାଣି ପଶିଯିବାରୁ ବନ୍ଧ ବୁଡ଼ିଯିବାରୁ ମାଛ ଯାଆଁଳ ଏବେ ବାହାରି ଯାଇଛନ୍ତି। ଏଥିପାଇଁ କେନାଲର ତଳମୁଣ୍ଡକୁ ପାଣି ଯିବା ବନ୍ଦ ହୋଇଯାଇଛି। ଚଳିତବର୍ଷ ବର୍ଷା ଅଭାବ ସାଙ୍ଗକୁ ବିଭାଗୀୟ ଅଧିକାରୀଙ୍କ ତ୍ରୁଟିଯୁକ୍ତ କାର୍ଯ୍ୟ ଯୋଗୁ ସମସ୍ୟା ସୃଷ୍ଟି ହୋଇଛି। ଏହି ମାନବକୃତ ବନ୍ୟା ପାଇଁ କ୍ଷୟକ୍ଷତିର ଭରଣା ସହ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ଛତା ଉପଖଣ୍ଡ ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଜାଣି ଯୁଦ୍ଧକାଳୀନ ଭିତ୍ତିରେ ଘାଇ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି।


କେନାଲ ବନ୍ଧରେ ଘାଇ ହେବାରୁ ଚାଷ ଜମିରେ ପାଣି ମାଡ଼ିଯାଇଛି।

## କଂଗ୍ରେସ ନେତା କର୍ମୀଙ୍କ ବିଜେଡିରେ ଯୋଗଦାନ

ବାଲିକୁଦା,(ସ୍ୱ.ପ୍ର.): ବାଲିକୁଦା-ଏରସମା ବିଧାୟକ ତଥା ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ବାଲିକୁଦା ବାଲିସାହିସ୍ଥିତ ବାସଭବନରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମରାଚିପୁର ସରପଞ୍ଚ ଭାରତୀ ସ୍ୱାଇଁଙ୍କ ସମେତ ବହୁ ୱାର୍ଡସଭ୍ୟା ଓ ସଭ୍ୟ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ୩୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଥିଲେ। ମରାଚିପୁର ସରପଞ୍ଚ ସ୍ୱାଇଁ ଓ ଯୁବ ସଂଗଠକ ଉମେଶ ସ୍ୱାଇଁ ଏହାର ନେତୃତ୍ୱ ନେଇଥିଲେ। ସରପଞ୍ଚ କୃଷ୍ଣଚନ୍ଦ୍ର ନାୟକ, ୱାର୍ଡସଭ୍ୟ ଆଶିଷ ସ୍ୱାଇଁ, ମୀନାରାଣୀ ସ୍ୱାଇଁ, ନଗେନ୍ଦ୍ର ନାୟକ, ଜିତେନ୍ଦ୍ର ବିଶ୍ୱାଳ, ଦୀପକ ପଲେଇ, କେଦାରନାଥ ସ୍ୱାଇଁ ଓ କ୍ଷେତ୍ରବାସୀ ଗୁରୁ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।

### ସଂକ୍ଷେପରେ

## କଲ୍ୟାଣପୁର ପ୍ୟାକ୍ସ ସମ୍ପାଦକ ନିଲମ୍ବିତ



ବିଞ୍ଝାରପୁର,୧୩।୮(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅଧୀନ କଲ୍ୟାଣପୁର ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ର ସମ୍ପାଦକ ଅରୁଣ କୁମାର ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। କାର୍ଯ୍ୟରେ ଅବହେଳା ଅଭିଯୋଗରେ ତାଙ୍କୁ ନିଲମ୍ବିତ କରାଯାଇଛି। ନାୟକ ନିଜ କାର୍ଯ୍ୟାଳୟକୁ ଆସନ୍ତିନାହିଁ। ତେଣୁ ଉକ୍ତ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥିବା ଚାଷୀଙ୍କ ପ୍ରଧାନମନ୍ତ୍ରୀ ଫସଲବୀମା ହୋଇପାରି ନ ଥିଲା। ତେବେ ଉକ୍ତ ଶାଖା କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲିଃ ଅଧୀନରେ ଥିବାରୁ ଏନେଇ ଚାଷୀମାନେ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତକରି ସିଇଓ ବ୍ରଜନନ୍ଦ ମହାପାତ୍ର ସମ୍ପାଦକ ନାୟକଙ୍କୁ ନିଲମ୍ବିତ କରିଛନ୍ତି। ଏସମ୍ପର୍କରେ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ବିଞ୍ଝାରପୁର ଶାଖା ପରିଚାଳକ ରଶ୍ମିତା ସୂତାର କହିଛନ୍ତି, ନାୟକଙ୍କ ନାମରେ କାର୍ଯ୍ୟରେ ଅବହେଳା ନେଇ ଅଭିଯୋଗ ହୋଇଥିଲା। ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ହୋଇଛି।

## ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

ଚଣ୍ଡିଖୋଲ,୧୩।୮(ଡି.ଏନ.ଏ.): ବଡ଼ଚଣା ଥାନା ଅଧୀନ ବାବା ଭୈରବାନନ୍ଦ ସ୍ୱୟଂସାଶିତ ମହାବିଦ୍ୟାଳୟ ସମ୍ମୁଖରେ ଶୁକ୍ରବାର ଜଣେ ବାଇକ୍ ଚାଳକ ପଡ଼ିଯାଇ ଗୁରୁତର ହୋଇଛନ୍ତି। ସେ ହେଲେ ଧର୍ମଶାଳା ଥାନା କୋହ୍ଲା ଗ୍ରାମର ଦାମୋଦର ସାମଲ(୬୩)। ଦାମୋଦର ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ସ୍ଥାନାନ୍ତର କରାଯାଇଛି।

## ବକେୟା ବିଲ ପାଇଁ ବିଦ୍ୟୁତ୍ କାଟ: ପାନୀୟ ଜଳ ପ୍ରକଳ୍ପ ଅଚଳ

ବଡ଼ଚଣା,୧୩।୮(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅଧୀନ ବନ୍ଧାଳୋ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟରେ ଥିବା ସୁଜଳ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ବକେୟା ବିଲ ପୈଠ ହୋଇ ନ ଥିବାରୁ ପ୍ରକଳ୍ପରୁ ବିଦ୍ୟୁତ୍ ସରବରାହ କାଟି ଦିଆଯାଇଛି। ଫଳରେ ବନ୍ଧାଳୋ, ବାଟପଡ଼ା, ରାଣୀପୋଖରୀ, ଗଣାସ ଗ୍ରାମର ପ୍ରାୟ ୩୦୦୦ ଲୋକ ୧୨ ଦିନ ହେଲା ପାନୀୟ ଜଳ ପାଇଁ ଡହଳବିକଳ ହେଉଛନ୍ତି। ଅନେକ ବାଇଁଶି ନାଳାରୁ ପାଣି ଆଣି ବ୍ୟବହାର କରୁଛନ୍ତି। ତେବେ ଏହି ପାଣି ବ୍ୟବହାର କରି ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହେଉଛି। ମାର୍ଚ୍ଚରୁ ଜୁଲାଇ ପର୍ଯ୍ୟନ୍ତ ବିଦ୍ୟୁତ ବିଲ ପଇଠ ହୋଇ ନ ଥିବାରୁ ବିଦ୍ୟୁତ ସଂଯୋଗ କାଟି ଦିଆଯାଇଛି ବୋଲି ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଗ୍ରାମର ରଙ୍ଗାଧର ବେହେରା, ଅଲେଖ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

# ଅଭିଶପ୍ତ ଜୀବନ ଜିଉଛନ୍ତି ଜୁଆଙ୍ଗ ଆଦିବାସୀ

ଯାଜପୁର ଅଫିସ/କାଳିଆପାଣି (ଡି.ଏନ.ଏ.),୧୩।୮

ଖଣିଜ ସମ୍ପଦରେ ଭରପୂର ଯାଜପୁର ଜିଲାର ସୁକିନ୍ଦା ବ୍ଲକ ଅଞ୍ଚଳରେ ଏପରି ଗ୍ରାମ ରହିଛି ଯେଉଁଠି ଏବେ ବି ଚାଲିବା ପାଇଁ ରାସ୍ତା ନାହିଁ। ଲୋକଙ୍କ ଏଭଳି ହୀନସ୍ତାକୁ ଦେଖିଲେ ଲାଗେ ସତେ ଯେପରି ଏମାନେ ପୂର୍ବ ଜନ୍ମରେ କୌଣସି ପାପ କରିଥିଲେ, ଫଳରେ ସେମାନଙ୍କୁ ଏବେ ଏକ ଅଭିଶପ୍ତ ଜୀବନ ବିତାଇବାକୁ ପଡୁଛି। ସରକାରୀ କଳ ଓ ଲୋକ ପ୍ରତିନିଧିଙ୍କ ଅହେତୁକ ଖଣି ପ୍ରୀତି ଏବେ ସୁକିନ୍ଦାବାସୀଙ୍କ ପାଇଁ କାଳ ହୋଇଛି ବୋଲି ଏଥିରୁ ସ୍ପଷ୍ଟ ହେଉଛି। ୨୦୧୬ ଜୁଲାଇରେ ନଗଡ଼ାରେ ଅପପୁଷ୍ଟି କାରଣରୁ ଗୋଟିଏ ପରେ ଗୋଟିଏ ୧୯ ଜଣ ଶିଶୁଙ୍କ ଜୀବନ ଯାଇଥିଲା। ଏହାପରେ ନଗଡ଼ାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିପୁଳ ପରିମାଣର ଅର୍ଥ ପାଣି ଭଳି ଖର୍ଚ୍ଚ ହେଉଛି। ତେବେ ବିକାଶ ପାଇଁ ପଦକ୍ଷେପ ନଗଡ଼ା ଗ୍ରାମରେ ସୀମିତ ରହିଯାଇଥିବାବେଳେ ନିକଟ ଦୁର୍ଗମ ଅଞ୍ଚଳରେ ଥିବା ତୁମୁଣୀ ଗ୍ରାମ ପ୍ରତି ସରକାର ଆଖିବୁଜି ଦେଇଛନ୍ତି। ସ୍ୱାଧୀନତା ପୂର୍ବରୁ ସୁକିନ୍ଦା ଅଞ୍ଚଳରେ ଖଣି ଉତ୍ତୋଳନ ଆରମ୍ଭ ହୋଇଥିଲା। ପ୍ରାକୃତିକ ସମ୍ପଦକୁ ଲୁଟ୍ କରି ଶିଳ୍ପପତିମାନେ ମାଲାମାଲ ହୋଇଥିବାବେଳେ ଏହାର ଆଖପାଖ ଗ୍ରାମଗୁଡିକୁ ବିକାଶର ଆଲୁଅ ପହଞ୍ଚି



ତୁମୁଣୀ ଗ୍ରାମରେ ଥିବା ଘର।



ଗ୍ରାମରେ ଭାଙ୍ଗି ଯାଇଥିବା ସ୍କୁଲ ଗୃହ।

ପାରିନାହିଁ। ପାରିପାର୍ଶ୍ୱିକ ଉନ୍ନୟନ ଏଠାରେ ସ୍ୱପ୍ନ ହୋଇଛି। ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ପଞ୍ଚାୟତର ନାଳିଆଡ଼ାବ ଗ୍ରାମଠାରୁ ପାହାଡ଼ର ଅଙ୍କାବଙ୍କା ପଥର ଖୋଲରେ ଚାଲିଚାଲି ୩ କିମି ଗଲେ ତୁମୁଣି ଗ୍ରାମ ପଡ଼େ। ସରକାରୀ ଯୋଜନା ଯଥା ବିଜୁ ପକ୍କାଘର, ବିଜୁସ୍ୱାସ୍ଥ୍ୟ ଯୋଜନା, ସ୍କୁଲଗୃହ ନିର୍ମାଣ, ରାସ୍ତା ସଂଯୋଗୀକରଣ, ଖାଦ୍ୟ ସୁରକ୍ଷା ଇତ୍ୟାଦି ଏଠାରେ ଅପହଞ୍ଚ।

ତୁମୁଣୀ ଗ୍ରାମରେ ୨୬ ପରିବାର ବସବାସ କରୁଛନ୍ତି। ସମସ୍ତ ପରିବାର ଜୁଆଙ୍ଗ ଜନଜାତିର। ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ, ଗହମ ଆଣିବାକୁ ୩ କି.ମି. ରାସ୍ତା ଚାଲି ପାର ହୋଇ ନାଳିଆଡ଼ାବରେ ସେମାନେ ପହଞ୍ଚିଥାନ୍ତି। ଚାଉଳ ଓ ଗହମ, କିରୋସିନ ପାଇଁ ସେମାନେ ଘଣ୍ଟା ଘଣ୍ଟା

### ନଗଡ଼ାରେ ସୀମିତ ବିକାଶ କାର୍ଯ୍ୟ

ଧରି ବସିବା ପରେ ମଧ ଯୋଗାଣକାରୀ ସଂସ୍ଥା ନ ପହଞ୍ଚିବାରୁ ନିରାଶ ହୋଇ ଫେରୁଥିବାର ବିଭିନ୍ନ ସମୟରେ ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଏହି ଗ୍ରାମରେ ଶିକ୍ଷା ପାଇଁ ଖଣି ନିଗମ ପକ୍ଷରୁ ବହୁ କଷ୍ଟରେ ଆଜବେଷ୍ଟସ୍ ଗୃହ ନିର୍ମାଣ କରାଯାଇଥିଲା। ଯେଉଁଥିରେ ଆସ୍ୱେୟାର ଏନଜିଓ ସଂସ୍ଥା ପକ୍ଷରୁ ଶିକ୍ଷକ ନିଯୁକ୍ତି କରାଯାଇ ଶିକ୍ଷାଦାନ କରାଯାଉଥିଲା। ୨୦୨୦ରେ ଝଡ଼ତୋଫାନରେ ତୁମୁଣୀ ଗ୍ରାମରେ ନିର୍ମିତ ସ୍କୁଲ ଗୃହ ଆଜବେଷ୍ଟସ ଭାଙ୍ଗିଯାଇଥିଲା। ଫଳରେ ଏବେ ଏହି ସ୍ଥାନରେ ପିଲାମାନଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଛି। ଆସ୍ୱେୟାର ଶିକ୍ଷକମାନେ ପ୍ରତିଦିନ ସେଠାକୁ ଯାଇ ବୁଲି ଫେରି ଆସୁଥିବା ବେଳେ ବର୍ଷା ହେଲେ ଘର ଭିତରେ ଆଣ୍ଠୁଏ ପାଣି ଜମୁଥିବା ଦେଖିବାକୁ ମିଳୁଛି। ସେହିପରି ତୁମୁଣୀ ଗ୍ରାମଟି ମ୍ୟାଲେରିଆ ପ୍ରବଣ ଅଞ୍ଚଳ। ନଗଡ଼ାକୁ ସ୍ୱାସ୍ଥ୍ୟସେବା ପାଇଁ ଆସୁଥିବା ଡାକ୍ତରୀ ଟିମ୍ ତୁମୁଣୀ ଯାଇପାରୁ ନ ଥିବା ନେଇ ଅସହାୟତା ପ୍ରକାଶ କରିଛନ୍ତି। କେବଳ ଗମନାଗମନ ସୁବିଧା ନ ଥିବାରୁ ସରକାରଙ୍କ କୌଣସି ଯୋଜନା ତୁମୁଣୀ ଗ୍ରାମରେ ପହଞ୍ଚି ପାରିନାହିଁ। ପ୍ରତି ନିର୍ବାଚନରେ ତୁମୁଣୀବାସୀ କିନ୍ତୁ ଭୋଟ ଦେଉଛନ୍ତି। ଭୋଟ ନେବାକୁ ନେତାମାନେ ବିଭିନ୍ନ ପ୍ରଲୋଭନ ଦେଇ ସେମାନଙ୍କୁ ପାହାଡ ପାଦଦେଶକୁ ଆଣୁଥିବାବେଳେ ଗମନାଗମନ ବ୍ୟବସ୍ଥା କରାଯାଇ ନାହିଁ। ସତେ ଯେପରି ନେତା ଚାହିଁଛନ୍ତି ଉକ୍ତ ଅଞ୍ଚଳର ଆଦିବାସୀ ତଳେ ପଡିରୁହନ୍ତୁ। ଶ୍ରମିକର ପିଲା ଶ୍ରମିକ ହୋଇ ରହୁ। ଅପାଠୁଆ ରୁହନ୍ତୁ। ସଚେତନତା ଗ୍ରାମକୁ ନ ପହଞ୍ଚୁ। ସେମାନଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ନ ହେଉ। ଫଳରେ ଭବିଷ୍ୟତରେ ଖଣି ଓ ଶିଳ୍ପ କମ୍ପାନୀକୁ ବିରୋଧ, ଦାବି କିମ୍ବା ପ୍ରତିବାଦ ପ୍ରଶ୍ନ ଉଠିବ ନାହିଁ। ଖଣି କର୍ତ୍ତୃପକ୍ଷ ଓ ଲୋକ ପ୍ରତିନିଧି ଯାହା ଚାହିଁଛନ୍ତି ତାହା ହିଁ ହୋଇଛି। ଏନେଇ ସୁକିନ୍ଦା ଭାରପ୍ରାପ୍ତ ବିଡିଓ ମଣିପ୍ରସାଦ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ତାଙ୍କ ନିକଟରେ ଏପରି କୌଣସି ଖବର ନାହିଁ। ତୁରନ୍ତ ଉକ୍ତ ଗ୍ରାମ ଉପରେ ଦୃଷ୍ଟି ଦେବାକୁ ପ୍ରଶାସନ ଯତ୍ନବାନ ହେବ ବୋଲି ସେ କହିଛନ୍ତି।

## ଚୋରି ପିକ୍‌ଅପ୍ ଭ୍ୟାନ୍ ଜବତ, ଜଣେ ଗିରଫ

ଚଣ୍ଡିଖୋଲ,୧୩।୮(ଡି.ଏନ.ଏ.)

ବଡ଼ଚଣା ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର କଡ଼ାଇ ଛକ ନିକଟରୁ ଗତ ୧୧ ତାରିଖରେ ଚୋରି ହୋଇଥିବା ଏକ ପରିବା ବୋଝେଇ ପିକଅପ୍ ଭ୍ୟାନ୍‌କୁ ପୋଲିସ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଅଞ୍ଚଳର ନାରାୟଣ ସେଠୀ। ପୋଲିସ ସୂଚନା ମୁତାବକ, ପିକଅପ୍ ଭ୍ୟାନ୍‌ଟି ପରିବା ବୋଝେଇ କରି ଢେଙ୍କାନାଳରୁ ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟି ପରିବା ମାର୍କେଟକୁ ଆସୁଥିଲା। ତେବେ କଡ଼ାଇ ଛକ ନିକଟରେ କେତେଜଣ ବ୍ୟକ୍ତି ଗାଡ଼ି ଅଟକାଇ ଚାଳକଙ୍କୁ ଓହ୍ଲାଇ ଦେଇଥିଲେ। ଏହାପରେ ଗାଡି ନେଇ ଫେରାର ହୋଇ ଯାଇଥିଲେ। ଏନେଇ ଚାଳକ କଟକ ତେଲେଙ୍ଗାପେଣ୍ଠ ଅଞ୍ଚଳର ପ୍ରଶାନ୍ତ ସାହୁ ବଡ଼ଚଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ.୩୦୨/୨୧ ରୁଜୁ କରି ତଦନ୍ତ ଚଳାଇଥିଲା। କୌଣସି ସୂତ୍ରରୁ ଖବର ପାଇ ପୋଲିସ ଭୁବନେଶ୍ୱରରେ ଚଢ଼ାଉ କରି ପିକଅପ୍ ଭ୍ୟାନ ଜବତ କରିବା ସହ ଚୋରିରେ ସମ୍ପୃକ୍ତ ଅଭିଯୋଗରେ ନାରାୟଣଙ୍କୁ ଗିରଫ କରିଥିଲା। ତେବେ ଗାଡିଚୋରି ଘଟଣା ବ୍ୟବସାୟ ମଧ୍ୟରେ ଅର୍ଥକାରବାରକୁ ନେଇ ଥିବା ବିବାଦ ଯୋଗୁ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି।

# 'ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଘରେ ଘରେ ପହଞ୍ଚାଅ'





ବୈଠକରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ଧର୍ମଶାଳା,୧୩।୮(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଶୁକ୍ରବାର ଯାଜପୁର ଜିଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ସଙ୍ଗଠନ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାଶ, ଏମ୍‌ପି ଶର୍ମିଷ୍ଠା ସେଠୀ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲିକ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, କୋରେଇ ବିଧାୟକ ଅଶୋକ କୁମାର ବଳ ଓ ବରୀ ବିଧାୟିକା ସୁନନ୍ଦା ଦାସ

### ଜିଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

ପ୍ରମୁଖ ଯୋଗଦେଇ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଦଳର ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ବାର୍ତ୍ତାକୁ ଘରେଘରେ ପମହଞ୍ଚାଇବାକୁ ଉପସ୍ଥିତ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

ଜିଲା ସଭାପତି ସରୋଜ କୁମାର ମହାପାତ୍ର ସଭା ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ଡ. ପ୍ରିୟନାଥ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଜିଲା ଉପସଭାପତି ଶାରଦା ପ୍ରସନ୍ନ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଷ୍ଟାଡିୟମ ପରିସରରେ ଥିବା ଦିବଂଗତ ଏମ୍‌ପି କଳ୍ପତରୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯିବା ସହ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ମହିଳା ସଭାନେତ୍ରୀ ସବିତା ରାଉତ, ଯୁବ ବିଜେଡି ସଭାପତି ପ୍ରତାପ କୁମାର ମହାନ୍ତି, ଛାତ୍ର ବିଜେଡି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, କୃଷକ ମୋର୍ଚ୍ଚା ସଭାପତି ନିତ୍ୟାନନ୍ଦ ରାଉତ, ଧର୍ମଶାଳା ବ୍ଲକ ସଭାପତି ଜଳଧର ମହାନ୍ତି, ମିଡିଆ ସେଲ ଅଧ୍ୟକ୍ଷ ସଂଗ୍ରାମ କେଶରୀ ଜେନାଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରମୁଖ ସାମିଲ ଥିଲେ। ଯୁବନେତା ନିରଞ୍ଜନ ରାଉତ, ନିର୍ମଳ ପ୍ରଧାନ, ପ୍ରତାପ ପ୍ରଧାନ, ଅକ୍ଷୟ ନାୟକ, ମାନସ ମହାନ୍ତି ଓ ମଣ୍ଟୁ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଅନ୍ୟତମ ଉପସଭାପତି ମହେଶ୍ୱର ଗୁରୁ ଧନ୍ୟବାଦ ଦେଇଥିଲେ।

## ବ୍ୟକ୍ତିଗତ ଜାଗାରେ ରାସ୍ତା ନିର୍ମାଣ ଅଭିଯୋଗ

ଯାଜପୁର ସଦର,୧୩।୮(ଡି.ଏନ.ଏ.)

ଯାଜପୁର ସଦରଥାନା ଅନ୍ତର୍ଗତ ମଲପଡ଼ା ଗ୍ରାମର ଏକ ବ୍ୟକ୍ତିଗତ ଜମିରେ ସରକାରୀ ରାସ୍ତା ନିର୍ମାଣ କରାଯାଉଛି। ଫଳରେ ଏହାକୁ କେନ୍ଦ୍ରକରି ଗ୍ରାମବାସୀ ଓ ଜମି ମାଲିକଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ସେଠାରେ ୧୪୪ ଧାରା ଲାଗୁ ହୋଇଥିବାବେଳେ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଜଣାପଡିଛି। ଅଭିଯୋଗ ଅନୁସାରେ, ମଲପଡ଼ା ଗ୍ରାମର ତ୍ରିଲୋଚନ ଆଚାର୍ଯ୍ୟ, ପ୍ରମୋଦ ଶତପଥୀ, ଅରୁଣାନନ୍ଦ କର ପ୍ରମୁଖଙ୍କ ବ୍ୟକ୍ତିଗତ ପ୍ଲଟ୍ ଖସଡ଼ା ନଂ–୧୮୬୨,୧୪ ଡିସିମାଲ୍ ଜମି ମଧ୍ୟରୁ ବନ୍ଦୋବସ୍ତ ବେଳେ ଭୁଲ୍ କ୍ରମେ ୩ ଡିସିମିଲ୍ ଗ୍ରାମ୍ୟରାସ୍ତା ହୋଇଯାଇଛି। ଦୀର୍ଘବର୍ଷରୁ ଏମାନେ ଉକ୍ତ ଜମିରେ ଦଖଲଦାର ଅଛନ୍ତି। ଏହି ଘଟଣା ଗ୍ରାମର କେତେଜଣ ଲୋକ ଜାଣିବା ପରେ ଉକ୍ତ ଜମିରେ ରାସ୍ତା ନିର୍ମାଣ ଆରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକୁ ଜମି ମାଲିକ ବନ୍ଦ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ୧୪୪ ଧାରା ଜାରି କରି ଘଟଣାର ତଦନ୍ତ କରୁଛି। ଜମିଜମା ମାମଲା କୋର୍ଟରେ ସମାଧାନ ହେବ ବୋଲି ପୋଲିସ ଉଭୟ ପକ୍ଷଙ୍କୁ କହି ଉତ୍ତେଜନାକୁ ଶାନ୍ତ କରିଛି।

## ୩୭ କେଜି ଗଞ୍ଜେଇ ଜବତ: ମହିଳାଙ୍କ ସମେତ ୫ ଗିରଫ

ଧର୍ମଶାଳା,୧୩।୮(ଡି.ଏନ.ଏ.)

୫୩ ନଂ. ଜାତୀୟ ରାଜପଥର ଚଢ଼େଇଧରା ନିକଟରୁ ଗୁରୁବାର ରାତିରେ ଜେନାପୁର ଥାନା ପୋଲିସ ୩୭ କେଜି ୨୦୦ ଗ୍ରାମ୍ ଗଞ୍ଜେଇ ଓ ଏକ ମାରୁତି ଓମ୍‌ନି ଭ୍ୟାନ୍ ଜବତ କରିଛି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ମୋଟ୍ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଢେଙ୍କାନାଳ ଜିଲା ଭୁବନ ଥାନା ଭୁଷଳ ଗ୍ରାମର ବ୍ରହ୍ମାନନ୍ଦ ହୋତା, ପଶ୍ଚିମବଙ୍ଗ ନଦିଆ ଜିଲା କିଶନଗଞ୍ଜ ଥାନା ନାଗହଟା ଗ୍ରାମର ସୁଶାନ୍ତ କର, ତାପସ ବିଶ୍ୱାସ, ହଂସଖଲି ଥାନା ବଗୁଲିଆ ଗ୍ରାମର ପ୍ରଶନଜିତ ଦାସ ଓ ମର୍ଝଡ଼ିଅ ଗ୍ରାମର ସୁଶୀଲ ସରକାରଙ୍କ ସ୍ତ୍ରୀ ଟୁଲୁ ସରକାର।

ମାରୁତି ଓମ୍‌ନି ଭ୍ୟାନ(ନଂ–ଓଡି–୧୯–ଜେ–୪୯୯୮) ଯୋଗେ ଢେଙ୍କାନାଳରୁ

### ମାରୁତି ଓମ୍‌ନି ଯୋଗେ ଢେଙ୍କାନାଳରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିଲା

ପଶ୍ଚିମବଙ୍ଗ ଅଭିମୁଖେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଫଳରେ ଥାନା ଅଧିକାରୀ ଆଶିଷ କୁମାର ସାହୁ ସଦଳବଳ ଚଢ଼ାଉ କରି ଭ୍ୟାନ ସହ ଗଞ୍ଜେଇ ଜବତ କରିଥିଲେ। ଏନେଇ ପୋଲିସ ନଂ. ୨୫୩/୨୧ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ।

# ଦଳିତଙ୍କୁ ନ୍ୟାୟ ଦାବିରେ ଗଣଧାରଣା

ପାଣିକୋଇଲି,୧୩।୮(ଡି.ଏନ.ଏ.)

ଯାଜପୁର ଜିଲାର ବିଭିନ୍ନ ଥାନାରେ ଦଳିତଙ୍କୁ ନ୍ୟାୟ ପ୍ରଦାନ ନ କରି ଓଲଟା ଥାନାଧିକାରୀମାନେ ଗାଳି ଗୁଲଜ କରୁଛନ୍ତି। ଏଭଳି ଅଭିଯୋଗ କରି ଶୁକ୍ରବାର ଆମ୍ବେଡକର ଲୋହିଆ ବିଚାର ମଞ୍ଚ ତରଫରୁ ପାଣିକୋଇଲିସ୍ଥିତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସଭାପତି ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଧାରଣାରେ ସାମିଲ ହୋଇଥିଲେ। କୋରେଇ ଥାନାଧିକାରୀଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ, କୋରେଇ ଥାନା ଅଞ୍ଚଳରେ ଜଣେ ଗର୍ଭବତୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା, ସମସ୍ତ ଥାନାରେ ବାକିଥିବା ମାମଲାର ତୁରନ୍ତ ମିଳିତ ତଦନ୍ତ ରିପୋର୍ଟ ଓ ଚାର୍ଜଶିଟ ପ୍ରଦାନ କରିବା, ମୁଖ୍ୟମନ୍ତ୍ରୀଙ୍କୁ ଭୁଲ ତଥ୍ୟ ପ୍ରଦାନ ସହିତ ରିପୋର୍ଟରେ ଯାଜପୁର ଥାନାଧିକାରୀ ଅସାମ୍ବିଧାନିକ ଅପମାନ ସୂଚକ ଶବ୍ଦ ହରିଜନ ପ୍ରୟୋଗ କରିଥିବାରୁ ତାଙ୍କ ବିରୋଧରେ ମାମଲା ରଜୁ କରିବା, ଦଳିତ ନେତା ମନୋରଞ୍ଜନ ଜେନାଙ୍କୁ ସୋସିଆଲ ମିଡିଆରେ ହତ୍ୟା ଧମକ ଏବଂ ଅଶ୍ଳୀଳ ଭାଷାରେ ଗାଳି କରିଥିବା ବ୍ୟକ୍ତିଙ୍କୁ ଗିରଫ କରିବା ସହ ସଦର ଥାନା ଅଞ୍ଚଳରେ ଘଟିଥିବା ଦଳିତ ଯୁବକ ପ୍ରଶାନ୍ତ ଜେନାଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବିରେ ଗଣଧାରଣା ଦିଆଯାଇଥିଲା। ଧାରଣାରେ ପ୍ରତାପ ଦାସ, ସହଦେବ ଜେନା, ଅଭିମନ୍ୟୁ ମଳିକ, କିଶୋରୀ ଜେନା, ମନୋଜ ଜେନା, ହରିପ୍ରସାଦ ଜେନା, ମଦନମୋହନ ମଳିକ, ରଶ୍ମିତା ଜେନା ଓ ମାଳତୀ ମଳିକ ପ୍ରମୁଖ ସାମିଲ ହୋଇଥିଲେ। ଡିଏସ୍‌ପି ପ୍ରମୋଦ ମଲ୍ଲିକ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହିତ ଦାବିଗୁଡ଼ିକୁ ବିଚାରକୁ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଚାଷୀଙ୍କ ପାଇଁ ଅଡୁଆ ସାଜୁଛି ନିୟମ

ରସୁଲପୁର,୧୩।୮(ଡି.ଏନ.ଏ.)

ଭୂମିହୀନ ଚାଷୀଙ୍କୁ ଋଣ ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟ ରସକାର ବଳରାମ (ଭୂମିହୀନ ଏଗ୍ରିକଲ୍‌ଚୁରିଷ୍ଟ ଲୋନ୍ ଆଣ୍ଡ ରିସୋର୍ସେସ ଅଗ୍‌ମେନ୍‌ଟେଶନ ମଡେଲ୍) ଯୋଜନା କରିଛନ୍ତି। କିନ୍ତୁ ଏହି ଯୋଜନା କାର୍ଯ୍ୟକାରୀ ହେବାରେ ବ୍ୟାଙ୍କଗୁଡ଼ିକର ନାନା କଟକଣା ଅଡୁଆ ସାଜୁଛି। ଫଳରେ ଯୋଜନାରେ ଭାଗଚାଷୀ ଋଣ ପାଇବାରେ ସକ୍ଷମ ହୋଇପାରୁନାହାନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି ରସୁଲପୁର ବ୍ଲକ ଅଞ୍ଚଳରେ। ଏହି ବ୍ଲକ ଅଞ୍ଚଳରେ ୨୮ ପଞ୍ଚାୟତ ରହିଛି। ସେଥିରୁ ମାତ୍ର ୫ଟି ପଞ୍ଚାୟତ ରାଜେନ୍ଦ୍ରପୁର, ସାମନ୍ତରାପୁର, ବନ୍ଧଡ଼ିହ, ସିଂହାପୁର ଓ ମୁଗୁପାଳର ୧୪ଟି ଭୂମିହୀନ ପରିବାରକୁ ନେଇ ମିଳିତ ଦେୟ ଗୋଷ୍ଠୀ (ଜଏଣ୍ଟ ଲାଏବିଲିଟି ଗ୍ରୁପ୍)ଗଠନ କରାଯାଇଛି। ଏତିକି ପାଇଁ ଏକ ବର୍ଷ ବିତି ସାରିଛି। କିନ୍ତୁ ବର୍ଷକ ପରେ ବି ୮୦ ଶତକଡ଼ାରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ଯୋଜନା କାର୍ଯ୍ୟାକରୀ ହୋଇପାରି ନାହିଁ। ଯାହାକୁ ନେଇ ତୃଣମୂଳସ୍ତରରେ କାର୍ଯ୍ୟରତ କୃଷି କର୍ମଚାରୀଙ୍କ ଚିନ୍ତା ବଢ଼ିଯାଇଛି।

୬ ଜୁଲାଇ,୨୦୨୦ରେ ବଳରାମ ଯୋଜନା ଶୁଭାରମ୍ଭ ହୋଇଥିଲା। ଭୂମିହୀନ ପରିବାରକୁ ଋଣ ପ୍ରଦାନ କରିବାକୁ ବ୍ୟାଙ୍କଗୁଡିକୁ ନିର୍ଦ୍ଦେଶ ଦିଆଯାଇଥିଲା। କୃଷି ବିଭାଗକୁ ପ୍ରତ୍ୟେକ ଗାଁରେ ୫ଜଣ ଭୂମିହୀନ ପରିବାରକୁ ନେଇ ଗୋଟିଏ ଲେଖାଏ ଗୋଷ୍ଠୀ ଗଠନ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରତ୍ୟେକ ଗୋଷ୍ଠୀକୁ ଅନ୍ୟୂନ୍ୟ ୫୦ ହଜାର ଟଙ୍କା ଓ ଅତ୍ୟଧିକ ୧.୬ ଲକ୍ଷ ଟଙ୍କା ଋଣ ପ୍ରଦାନ ପାଇଁ ନିୟମ ରହିଛି। ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷକ ସାଥୀଙ୍କ ଜରିଆରେ ଗୋଷ୍ଠୀ ଗଠନ କରାଯାଉଛି। ସେହି ଅନୁସାରେ ବ୍ଲକରେ ଅନେକ ଗୋଷ୍ଠୀ ଗଠନ କରଯାଇଛି। ସେଥିମଧ୍ୟରୁ ମାତ୍ର ୧୪ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ମାତ୍ର ଅଧିକାଂଶ ପଞ୍ଚାୟତରେ ଗୋଷ୍ଠୀ ଗଠନ ହେଉନାହିଁ। କାରଣ ଭୂମିହୀନ ପରିବାର ମିଳିବାରେ ଅସୁବିଧା ହେଉଛି। ସେହିପରି ଗୋଷ୍ଠୀରେ ସାମିଲଥିବା ପରିବାରର ସଦସ୍ୟଙ୍କ ବିଭିନ୍ନ ଋଣ କାରବାର ରେକର୍ଡ ଯାଞ୍ଚ କରାଯାଉଛି। ଯଦି କୌଣସି ସଦସ୍ୟ ଋଣ ପରିଶୋଧ

### ବଳରାମ ଯୋଜନା

- ଋଣ ପାଇବାରୁ ବଞ୍ଚିତ ହେଉଛନ୍ତି ଭାଗଚାଷୀ
- ଯୋଜନାକୁ ସରଳୀକରଣ କରିବାକୁ ଦାବି

କରିବାରେ ଖିଲାପ କରିଥାନ୍ତି ତେବେ ତାଙ୍କୁ ଅଯୋଗ୍ୟ କରି ଦିଆଯାଉଛି। ଏପରି କି ଜଣକ ପାଇଁ ସେ ଗୋଷ୍ଠୀର ଅନ୍ୟ ସଦସ୍ୟ ଋଣ ପାଇବାରେ ଅସୁବିଧା ଭୋଗୁଛନ୍ତି।

ଅନ୍ୟପକ୍ଷରେ ଭୂମିହୀନ ଚାଷୀ ମାଲିକଙ୍କ ଚାଷ ଜମିର ଖାତା ଓ ପ୍ଲଟ ନମ୍ବର ଦେଇ ଋଣ ପାଇଁ ଆବେଦନ କରୁଛନ୍ତି। ତେବେ ଏଥିପାଇଁ ଜମି ମାଲିକଙ୍କ ଅନୁମତି ଲୋଡ଼ା ଯାଉନାହିଁ। ଫଳରେ ଭାଗଚାଷୀ ଜମି ମାଲିକଙ୍କ ବିନା ଅନୁମତିରେ ସେମାନଙ୍କ ଜମିର ବିବରଣୀ ବ୍ୟବହାର କରୁଛନ୍ତି। ଏଦିଗରେ ମାଲିକମାନେ ଅଭିଯୋଗ କରୁଥିବାରୁ ଗେଷ୍ଠୀଗୁଡ଼ିକୁ ଋଣ ପ୍ରଦାନରେ ଅସୁବିଧା ହେଉଛି। ସେହିପରି ମାଲିକଙ୍କ ଯେଉଁ ଜମି ବିବରଣୀ ଭୂମିହୀନ ପ୍ରଦାନ କରୁଛନ୍ତି, ସେହି ଜମି ଉପରେ ମାଲିକ ଯଦି ବ୍ୟାଙ୍କରୁ ଋଣ ନେଇଥାନ୍ତି ତେବେ ଉକ୍ତ ଗୋଷ୍ଠୀକୁ ବ୍ୟାଙ୍କ ଋଣ ଦେବାକୁ ମନା କରୁଛି। ଏପରି କି ଉକ୍ତ ଯୋଜନାରେ ଭାଗଚାଷୀ ଆଇନକୁ ଉଲ୍ଲଂଘନ କରାଯାଇଛି। ଆଇନ ଅନୁଯାୟୀ ୧୦ ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ଥିବା ମାଲିକ ଭାଗଚାଷୀଙ୍କୁ ଜମି ଦେଇ ପାରିବେ। ତେବେ ଏଠାରେ ଏହି ଆଇନ ପାଳନ ହେଉନାହିଁ। ଏଭଳି ଅସୁବିଧା ଯୋଗୁ ଯୋଜନା ସଫଳତାରେ ବାଧକ ସାଜୁଛି। ତେଣୁ ଯୋଜନାକୁ ସରଳୀକରଣ କରାଯିବା ସହ ଗୋଷ୍ଠୀ ବଦଳରେ ବ୍ୟକ୍ତି ବିଶେଷଙ୍କୁ ଋଣ ପ୍ରଦାନ ପାଇଁ ଚାଷୀଙ୍କ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଭାଗ୍ୟଧର ସାହୁ କହିଛନ୍ତି, ଯୋଜନାକୁ ସଫଳ କରିବା ପାଇଁ ପ୍ରୟାସ ଜାରି ରହିଛି। ସରକାର ଯେଉଁ ନିୟମ କରିଛନ୍ତି ସେହି ଅନୁସାରେ କାର୍ଯ୍ୟ କରାଯିବ। ଯଦି ସରକାର ଏହାର ପୁନଃବିଚାର କରି ନିୟମ ପରିବର୍ତ୍ତନ କରନ୍ତି ତେବେ ତାହାକୁ ଅନୁସରଣ କରାଯିବ।


JioMart.com
Presents
ଇଣ୍ଡିଆର ସବୁଠାରୁ ବଡ଼ ଗ୍ରୋସରୀ ସେଲ୍
JioMart
ଫୁଲ୍ ପଇସା ଅସୁଲ୍ ସେଲ୍
14th - 18th Aug
ଏବେ ସପିଙ୍ଗରେ ନା ହେବ ସମାଲୋଚନା.....ନା କେହି କରିବେ ମନା
ଫ୍ରୀ ହୋମ୍ ଡେଲିଭରୀ
ସର୍ବନ୍ୟୁନ ଅର୍ଡର ନାହିଁ
ଜିଓମାର୍ଟ ଆପ୍ ବର୍ତ୍ତମାନ୍ ଡାଉନଲୋଡ୍ କରନ୍ତୁ
କିମ୍ବା ଆପଣଙ୍କ ନିକଟତମ ଷ୍ଟୋରକୁ ଯାଆନ୍ତୁ ।
SMART SUPERSTORE
SMART POINT
Reliance fresh
ବିସ୍କୁଟ୍- ଲାର୍ଜ ପ୍ୟାକ୍ 300 g ଡେଙ୍କ (ନିର୍ଦ୍ଦିଷ୍ଟ ରେଞ୍ଜ) MRP ₹60 ଡେଣିକ ଆମ ମୂଲ୍ୟ ₹40 ଡେଣିକ 33% ଛାଡ଼
କୋକ୍ ରେଞ୍ଜ 2.25 ℓ / ମାଜା 1.2 ℓ (ନିର୍ଦ୍ଦିଷ୍ଟ ରେଞ୍ଜ) MRP ₹70 ଡେଣିକ ଆମ ମୂଲ୍ୟ ₹47 ଡେଣିକ 33% ଛାଡ଼
ଚକୋଲେଟ୍ ହୋମ୍ ପ୍ୟାକ୍ 126 g ... 336 g MRP ₹99 ଡେଣିକ ଆମ ମୂଲ୍ୟ ₹66 ଡେଣିକ 33% ଛାଡ଼
ୟିପି ମ୍ୟାଜିକ୍ / ଟପ୍ ରାମେନ୍ / ଚିଙ୍ଗସ ସିକ୍ରେଟ୍ ନୁଡୁଲ୍ସ 240 g ଡେଣିକ (ନିର୍ଦ୍ଦିଷ୍ଟ ରେଞ୍ଜ) MRP ₹60 ଡେଣିକ ଆମ ମୂଲ୍ୟ ₹40 ଡେଣିକ 33% ଛାଡ଼
ସମଗ୍ର ମସଲା (ସବୁ ରେଞ୍ଜ) 33%* ଛାଡ଼ *ଉପରେ MRP
କୋଲଗେଟ୍ ଷ୍ଟ୍ରଙ୍ଗ ଟିଥ୍/ମ୍ୟାକ୍ସଫ୍ରେଶ୍/ସୁର୍ଣ୍ଣ ... 300 g ଡେଣିକ (ନିର୍ଦ୍ଦିଷ୍ଟ ରେଞ୍ଜ) MRP ₹129 ଡେଣିକ ଆମ ମୂଲ୍ୟ ₹86 ଡେଣିକ 33% ଛାଡ଼
ପେଅର୍ସ / ଡଭ୍ / ଲକ୍ସ / ଗୋଦରେଜ୍ No. 1/ସନ୍ତୁର ସୋପ୍ (ମଲ୍ଟି ପ୍ୟାକ) (ନିର୍ଦ୍ଦିଷ୍ଟ ରେଞ୍ଜ) MRP ₹125 ଡେଣିକ ଆମ ମୂଲ୍ୟ ₹84 ଡେଣିକ 33% ଛାଡ଼
ହ୍ୱିସପର ଅଲଟ୍ରା XL 44s / ଷ୍ଟେଫ୍ରୀ ଡ୍ରାଇମାକ୍ସ 42s / ସୋଫି XL 54s (ନିର୍ଦ୍ଦିଷ୍ଟ ରେଞ୍ଜ) MRP ₹399 ଡେଣିକ ଆମ ମୂଲ୍ୟ ₹267 ଡେଣିକ 33% ଛାଡ଼
ଡଭ୍ / ହେଡ୍ ଆଣ୍ଡ ଶୋଲଡର୍ସ / ଲୋରିଅଲ୍ / ଟ୍ରେସ୍ମି / ପ୍ୟାଣ୍ଟିନ ଶାମ୍ପୁ 580 ml ଡେଣିକ (ନିର୍ଦ୍ଦିଷ୍ଟ ରେଞ୍ଜ) MRP ₹500 ଡେଣିକ ଆମ ମୂଲ୍ୟ ₹250 ଡେଣିକ 50% ଛାଡ଼
ବିସ୍କୁଟ୍- ଲାର୍ଜ ପ୍ୟାକ୍ 300 g ଡେଣିକ (ନିର୍ଦ୍ଦିଷ୍ଟ ରେଞ୍ଜ) MRP ₹100 ଡେଣିକ ଆମ ମୂଲ୍ୟ ₹50 ଡେଣିକ 50% ଛାଡ଼
ଫର୍ଚୁନ୍ ରିଫାଇନ୍ଡ ରାଇସ ବ୍ରାନ୍ ହେଲ୍ଥ ଅଏଲ 5 ℓ + ଦାୱତ୍ ଦେବାୟା ବାସମତୀ ରାଇସ୍ 5 kg କମ୍ବାଇଣ୍ଡ MRP ₹1470 ସଞ୍ଚୟ ₹421 ଆମ ମୂଲ୍ୟ ₹1049
ସର୍ଫ ଏକ୍ସେଲ ଇଜୀ ୱାଶ୍/ ଟାଇଡ୍ 4 kg / ସର୍ଫ ଏକ୍ସେଲ ମେଟିକ୍ / ଏରିଅଲ୍ ମେଟିକ୍ 4 kg + 2 kg (ଫ୍ରୀ) (ଟପ୍/ ଫ୍ରଣ୍ଟ ଲୋଡ୍)(ନିର୍ଦ୍ଦିଷ୍ଟ ରେଞ୍ଜ) MRP ₹480 ଡେଣିକ ଆମ ମୂଲ୍ୟ ₹336 ଡେଣିକ 30% ଛାଡ଼
ଛେନା, ବସାଦହି, ଲହୁଣି,ଜମ କର୍ଡ, ମିଲ୍କ ଡ୍ରିଙ୍କସ୍, ପନୀର, ପାଉରୁଟି, କେକ୍ ଓ ରସ୍କ, ଫ୍ରୋଜେନ ଭେଜ ଓ ସ୍ନାକ୍ସ (ନିର୍ଦ୍ଦିଷ୍ଟ ରେଞ୍ଜ) ସର୍ବନ୍ୟୁନ 25%* ଛାଡ଼ *ଉପରେ MRP
ଟାଟା ଟି ପ୍ରିମିଅମ୍ ଡଷ୍ଟ ଚା’ 500 g MRP ₹220 ଆମ ମୂଲ୍ୟ ₹175 ସଞ୍ଚୟ ₹45
ପ୍ରଭୁଜୀ ନମକୀନ୍ 1 kg (ନିର୍ଦ୍ଦିଷ୍ଟ ରେଞ୍ଜ) MRP ₹260 ଡେଣିକ ଆମ ମୂଲ୍ୟ ₹190 ଡେଣିକ ସଞ୍ଚୟ ₹70
ଓମ୍ଫେଡ୍ ଘିଅ 1 ℓ MRP ₹605 ସଞ୍ଚୟ ₹31 ଆମ ମୂଲ୍ୟ ₹574
ଗୁଡ୍ ଲାଇଫ୍ କ୍ୟାଶ୍ୟୁ (W320) 500 g MRP ₹499 ସଞ୍ଚୟ ₹100 ଆମ ମୂଲ୍ୟ ₹399
ଆଶୀର୍ବାଦ ଶୁଦ୍ଧ ଚକି ଅଟା 5 kg MRP ₹208 ସଞ୍ଚୟ ₹33 ଆମ ମୂଲ୍ୟ ₹175
ଡାଲଡା କଚୀ ଘାଣୀ ସୋରିଷ ତେଲ 1 ℓ MRP ₹195 ସଞ୍ଚୟ ₹36 ଆମ ମୂଲ୍ୟ ₹159
ହରଡ଼ / ତୁର୍ ଡାଲି 2 kg MRP ₹270 ସଞ୍ଚୟ ₹76 ଆମ ମୂଲ୍ୟ ₹194 (₹97 /kg)
ପିଜିଅନ୍ 4 ପିସ୍ ସେଟ୍ (3 ବର୍ନର ଗ୍ୟାସ୍ ଷ୍ଟୋଭ୍ + 1 ତାୱା + 1 ଫ୍ରାଇପ୍ୟାନ୍ + 3 ℓ କୁକର) MRP ₹8485 ସଞ୍ଚୟ ₹5188 ଆମ ମୂଲ୍ୟ ₹3297
ଅଫର୍ କେବଳ ନିର୍ଦ୍ଦିଷ୍ଟ ସ୍ମାର୍ଟ ସୁପରଷ୍ଟୋରରେ ବୈଧ ଅଟେ ।
ଭିମ୍ ଲେମନ୍ ଡିଶ୍ ୱାଶ୍ ଜେଲ୍ 750 ml MRP ₹170 ଆମ ମୂଲ୍ୟ ₹115 ସଞ୍ଚୟ ₹55
ଡୋମେକ୍ସ ଟଏଲେଟ୍/ ଫ୍ଲୋର କ୍ଲିନର 1 ℓ MRP ₹180 ଡେଣିକ ଆମ ମୂଲ୍ୟ ₹99 ସଞ୍ଚୟ ₹81 ଡେଣିକ
10% EXTRA CASHBACK SBI Debit Card SBI card
#Min. Trxn: ₹1,000; Max. Cashback: ₹500 per card account. Validity: 14 - 18 Aug 2021. T&C Apply.
Pay using Paytm App. GET UP TO ₹600 Paytm CASHBACK
Offer valid on min. payment of ₹600 using Paytm Wallet only. Valid from 14 to 18 August 2021. T&C Apply.
ଭୁବନେଶ୍ୱର • କଟକ • ଢେଙ୍କାନାଳ • ଭଦ୍ରକ • ଯାଜପୁର ରୋଡ୍ • ସେମିଲିଗୁଡ଼ା • ଅନୁଗୁଳ • ବାଲେଶ୍ୱର • ବାରିପଦା • ବଲାଙ୍ଗୀର • ଝାରସୁଗୁଡ଼ା • କୋରାପୁଟ • ପୁରୀ • ରାୟଗଡ଼ା • ରାଉରକେଲା • ସମ୍ବଲପୁର • ସୁନ୍ଦରଗଡ଼
ସର୍ତ୍ତ ଓ ନିୟମାବଳୀ ଲାଗୁ । ବ୍ୟାଙ୍କିଙ୍ଗ ଏବଂ ୱାଲେଟ୍ ଅଫର୍ କେବଳ ଜିଓମାର୍ଟ ଉପରେ ବୈଧ । *କେବଳ ନିର୍ଦ୍ଦିଷ୍ଟ ଉତ୍ପାଦର ଏମ୍ଆରପି ଉପରେ । ଅଫରଗୁଡ଼ିକ ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର କୌଣସି ପୂର୍ବ ସୂଚନା ବିନା ପରିବର୍ତ୍ତନଶୀଳ ଅଟେ । ପ୍ରଦର୍ଶିତ ଉତ୍ପାଦର ଚିତ୍ର / ଫଟୋଗ୍ରାଫ୍ସ କେବଳ ଚିତ୍ରଣ ନିମନ୍ତେ । ସମସ୍ତ ଉତ୍ପାଦ ଏମ୍ଆରପିରେ ସମସ୍ତ କର ସାମିଲ ଅଟେ । ସମସ୍ତ ଅଫର୍ 18 ଅଗଷ୍ଟ 2021 ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବଇ ସ୍ଥିତ ସ୍ୱତନ୍ତ୍ର ନ୍ୟାୟାଳୟର ବିଚାରାଧୀନ ଅଟେ ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**ଖଣ୍ଡପଡା, ୧୩।୮ (ସ୍ୱ.ପ୍ର.):** ଖଣ୍ଡପଡା-ନୟାଗଡ଼ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ଶିଖରପୁର ଗ୍ରାମ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ନୟାଗଡ଼ ଜିଲା ମାଛିପଡ଼ା ଗ୍ରାମର ରାଜେଶ ସାହୁ(୨୭) ଗୁରୁତର ଆହତ ହୋଇଛନ୍ତି। ରାଜେଶ ବାଇକ୍ ଯୋଗେ ନୟାଗଡ଼ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ବେଳେ ହଠାତ୍ ରାସ୍ତା ଉପରକୁ ଏକ ଗାଈ ଚାଲି ଆସିବାରୁ ସେ ଭାରସାମ୍ୟ ହରାଇଥିଲେ। ସେ ବାଇକ୍‌ରୁ ଖସିପଡି ଗୁରୁତର ଆହତ ହୋଇଛନ୍ତି। ଖବରପାଇ ଖଣ୍ଡପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାଯାଇଛି।

### ଆନ୍ଧ୍ରରୁ ଗିରଫ ହେଲେ ପ୍ରେମିକ

#### ସୁରଟ ଯୁବତୀଙ୍କୁ ପ୍ରତାରଣା ଘଟଣା



**କବିସୂର୍ଯ୍ୟନଗର, ୧୩।୮:** ସୁରଟର ଜଣେ ଯୁବତୀଙ୍କୁ ପ୍ରେମ ପରେ ପ୍ରତାରିତ କରିଥିବା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବଡଆଗୁଳା ଗ୍ରାମର ଅରେନ୍ଦ୍ର କରଣଙ୍କୁ ପୋଲିସ ଆନ୍ଧ୍ରରୁ ଗିରଫ କରିଛି। ଅରେନ୍ଦ୍ର ସୁରଟରେ ସମ୍ପୃକ୍ତ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କ ସହ ଶାରିରୀକ ସମ୍ପର୍କ ରଖି ନିଜ ଗ୍ରାମକୁ ପଳାଇ ଆସିଥିଲେ। ତାଙ୍କର ଅନ୍ୟତ୍ର ବିବାହ ସ୍ଥିର ହୋଇଥିବା ଜଣରିବା ପରେ ଯୁବତୀ ଜଣକ ଗତ ୧୬ ତାରିଖରେ କବିସୂର୍ଯ୍ୟନଗର ଥାନା ଦ୍ୱାରସ୍ଥ ହୋଇ ପ୍ରେମିକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଶୁକ୍ରବାର କବିସୂର୍ଯ୍ୟନଗର ପୋଲିସ ଅଭିଯୁକ୍ତ ଅରେନ୍ଦ୍ରଙ୍କ ବିରୋଧରେ ବଳାତ୍କାର ମାମଲା ନଂ.୩୦୦/୨୧ ରୁଜୁ କରିଥିଲା। ନ୍ୟାୟ ମିଳିବାରେ ବିଳମ୍ବ ହେବାରୁ ଯୁବତୀ ଜଣକ ଅରେନ୍ଦ୍ରଙ୍କ ଘର ଓ ଥାନା ଆଗରେ ମଧ ଧାରଣା ଦେଇଥିଲେ। ଏ ନେଇ ସେ ଏସପି, ଜିଲାପାଳ ଓ କବିସୂର୍ଯ୍ୟନଗର ଆଇଆଇସିଙ୍କ ଠାରେ ଅଭିଯୋଗ କରିଆସୁଥିଲେ। ଶେଷରେ କବିସୂର୍ଯ୍ୟନଗର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଶୁକ୍ରବାର ମେଡିକାଲ ଟେଷ୍ଟ ପରେ ଅରେନ୍ଦ୍ରଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାକଚ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଖବରଦାତାଙ୍କୁ କୋଭିଡ୍ ଟିକା

**ନୂଆଗଡ଼, ୧୩।୮:** ଗଜପତି ଜିଲା ନୂଆଗଡ଼ ବ୍ଲକ ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଚିକିତ୍ସାଧିକାରୀ ନିବେଦିତା ସାହୁଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଞ୍ଚଳର ଖବରଦାତାମାନଙ୍କୁ ଦ୍ୱିତୀୟ ଡୋଜ କୋଭିଡ ଟିକା ଦିଆଯାଇଛି। ବ୍ଲକ ସାମ୍ବାଦିକ ସଂଘର ଉପସଭାପତି ଯଦୁମଣି ଦଳାଇ, ସମ୍ପାଦକ ଶ୍ରୀଧର ଦାସ, କୋଷାଧକ୍ଷ ସୂର୍ଯ୍ୟ ପରାଗ ଛିଞ୍ଚାଣୀଙ୍କ ସମେତ ମୋଟ ୮ଜଣ ଖବରଦାତା ଟିକା ନେଇଛନ୍ତି।

### ବେଆଇନ କାଠ ଜବତ

**ଚିକିଟି/ପାତ୍ରପୁର, ୧୩।୮ (ଡି.ଏନ୍.ଏ.):** ବ୍ରହ୍ମପୁର ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଏସିଏଫ୍ ଅଶୋକ କୁମାର ବେହେରାଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ ଶୁକ୍ରବାର କେ.ନୂଆଗାଁ ଥାନା ରାଧାମୋହନପୁର ଗ୍ରାମ ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ଚଢ଼ାଉ କରିଥିଲେ। ସେଠାରୁ ବିପୁଳ ପରିମାଣରେ ରଖାଯାଇଥିବା ବିଭିନ୍ନ କିସମର ବେଆଇନ କାଠ ଜବତ କରାଯାଇଛି। କାଠର ପରିମାଣ ପ୍ରାୟ ୮୦ ଘନ ଫୁଟ। ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁରଙ୍କ ଉପସ୍ଥିତିରେ ଉକ୍ତ କାଠକୁ ଜବତ କରାଯାଇଛି। ଚଢ଼ାଉରେ ଦିଗପହଣ୍ଡି ରେଞ୍ଜର କାହ୍ନୁଚରଣ ପଟ୍ଟନାୟକ, ସାମନ୍ତିଆପଲ୍ଲୀ ରେଞ୍ଜର ରଜତ କୁମାର ମିଶ୍ର, ଫରେଷ୍ଟଗାର୍ଡ ଅରୁଣ ଦାସ ଓ ଗଣେଶ ଗୌଡ଼ଙ୍କ ସମେତ ଦିଗପହଣ୍ଡି ଓ ସାମନ୍ତିଆପଲ୍ଲୀ ରେଞ୍ଜର ସମସ୍ତ କର୍ମଚାରୀ ସାମିଲ ଥିଲେ। ସେହିପରି ସାମନ୍ତିଆପଲ୍ଲୀ ବନାଞ୍ଚଳ ଅନ୍ତର୍ଗତ ତୁମ୍ବା ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ପକ୍ଷରୁ ଶାଗୁଆନ କାଠ ଗଣ୍ଡି ଜବତ କରାଯାଇଛି। ପାଟ୍ରୋଲିଂ ସମୟରେ ଗଛ କଟା ଯାଉଥିବା ଖବର ପାଇ ସ୍ଥାନୀୟ ବନ ଅଧିକାରୀ କାମନା ଭୂୟାଁ ଓ କିଛି କର୍ମଚାରୀ ପହଞ୍ଚିଥିଲେ। ଏହା ଦେଖି ଗଛ କାଟୁଥିବା ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲା ବେଳେ କଟାଯାଇଥିବା କାଠଗଣ୍ଡି ଜବତ କରାଯାଇଛି। ଜବତ ୪.୯୨୬ କ୍ୟୁବିକ ମିଟର କାଠକୁ ସାମନ୍ତିଆପଲ୍ଲୀ ବନ କାର୍ଯ୍ୟାଳୟଠାରେ ରଖାଯାଇବା ରେଞ୍ଜର ରଜତ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ଅକ୍ଟୋବରରେ ସ୍ଥାନାନ୍ତର ହେବ ନୂଆ ବସ୍‌ଷ୍ଟାଣ୍ଡ

- ପରିକଳ୍ପନା ଅନେକ, କାର୍ଯ୍ୟ ଶୂନ
- ଲାଗିବ ଲାଇଟ ପୋଷ୍ଟ, ହଟିବ ପୁରଣା ଟ୍ରାଫିକ ପୋଷ୍ଟ
- ଜିଲା ସଡକ ସୁରକ୍ଷା କମିଟି ବୈଠକ



ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ନୟାଗଡ଼ ଅଫିସ, ୧୩।୮**

ନୟାଗଡ଼ ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଅନେକ ପରିକଳ୍ପନା ହେଉଥିଲେ ହେଁ ବାସ୍ତବରେ କାର୍ଯ୍ୟ ଶୂନ। ୨୦୨୦ ଡିସେମ୍ବର ୩୦ରେ ହୋଇଥିବା ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଅନେକ ନିଷ୍ପତ୍ତି ନିଆଯାଇଥିଲେ ମଧ ଏଯାବତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏଭଳିସ୍ଥଳେ ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପୋମା ଟୁଡୁ ଏଥିରେ ଅଧକ୍ଷତା କରିଥିଲେ। ଜିଲାରେ ଘଟୁଥିବା ସଡ଼କ ଦୁର୍ଘଟଣାକୁ ରୋକିବାକୁ ଜିଲାପାଳ ଟୁଡୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ସଡ଼କ ଦୁର୍ଘଟଣା ବଢୁଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଲାରେ ୨୦୧୮ରେ ୧୧୯, ୨୦୧୯ରେ ୧୦୦ ଓ ୨୦୨୦ରେ ୯୬ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେହିପରି ୨୦୨୧ରେ ୧୪୦ ଦୁର୍ଘଟଣା ଘଟି ୫୨ ଜଣଙ୍କର ମୃତ୍ୟୁ ହୋଇଛି। ଦ୍ରୁତଗତିରେ ଚାଳନ କରୁଥିବା ଚାଳକମାନଙ୍କୁ ଲଗାମ ଦେବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ଚାଳକଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନୟାଗଡ଼ ନୂତନ ବସ୍‌ଷ୍ଟାଣ୍ଡକୁ ଯେନତେନ ପ୍ରକାରେଣ ଅକ୍ଟୋବର ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ନେଇ କେତେଜଣ ଅଧିକାରୀ ସମୟ ମାଗିଥିଲାବେଳେ ଜିଲାପାଳ ରୋକ୍‌ଠୋକ ମନା କରି ଦେଇଛନ୍ତି। ବସଷ୍ଟାଣ୍ଡର କ'ଣ ଅସୁବିଧା ରହିଛି, କ'ଣ କରାଯିବାର ରହିଛି ଜିଲାପାଳ ପରାମର୍ଶ ଲୋଡିଥିଲେ। ବସଷ୍ଟାଣ୍ଡ ସ୍ଥାନାନ୍ତର ପରେ ନୟାଗଡ ସହରର ଟ୍ରାଫିକ ଛକରେ ଲାଇଟ ପୋଷ୍ଟ ଲାଗିବ। ପୁରଣା ଟ୍ରାଫିକ ପୋଷ୍ଟ ହଟି ନୂଆ କରାଯିବ। ଅନ୍ୟପକ୍ଷେ ରାସ୍ତାର ଆରମ୍ଭ ଓ ଶେଷରେ ସ୍ପିଡ୍ ବେକର ଲଗା ଯାଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପୁଣି ୧୬ ଓ ୫୭ ନଂ. ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ସମେତ ବିଭିନ୍ନ ସଡକରୁ ହମ୍ପସ ଉଠାଇ ରମ୍ବଲସ ନିର୍ମାଣ କରାଯିବ କୁହାଯାଇଥିଲା। ହେଲେ ବୈଠକର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରି ୭ଦିନ ଭିତରେ କାର୍ଯ୍ୟ ଶେଷ କରିବାକୁ ପୂର୍ତ୍ତ ବିଭାଗକୁ ତାଗିଦ୍ କରିଛନ୍ତି। ସେହିପରି ରାସ୍ତାରେ ବିଙ୍କଲର ଲଗାଇବାକୁ କହିଛନ୍ତି। ଜନଗହଳିସ୍ଥାନରେ ରୋଡସପର (ପୋଲିସ ପୋଷ୍ଟ) ରଖିବାକୁ ପରମର୍ଶ ଦେଇଛନ୍ତି। ବିଭିନ୍ନ ବୁଲାଣି ରାସ୍ତା ଓ ଘସାଦେଇପୁର, ଗୋଡିସାହି, ନରେନ୍ଦ୍ରପୁରଠାରେ ରାସ୍ତାରେ କ୍ୟାଟ ସାଇଜ ଲଗାଇବାକୁ ପରାମର୍ଶ ଦେଇଛନ୍ତି। ପୁଣି ବେପାରୁଆ ଗାଡିଚାଳନା, ହେଲମେଟ ଧରପଗଡ, ମଦ୍ୟପାନ କରି ଗାଡି ଚାଳନା କରୁଥିବା ବ୍ୟକ୍ତିଙ୍କୁ ଧରପଗଡ କରିବାକୁ ଗୁରୁତ୍ୱ ଦେବାକୁ କହିଛନ୍ତି। ସେପ୍ଟେମ୍ବର ବୈଠକବେଳେ କାମ କ'ଣ ହୋଇଛି ଅନୁଧ୍ୟାନ ହେବ। ଏଥିରେ ଆଞ୍ଚଳିକ ପରିବହନ ଅଧିକାରୀ ସନତ୍ କୁମାର ଜେନା, ଅତିରିକ୍ତ ଏସ୍‌ପି, ଜିଲାସ୍ତରୀୟ ଅଧିକାରୀ, ଘରୋଇ ବସ୍ ଓ ଟ୍ରକ ମାଲିକ ସଂଘର ସଭାପତି ଓ ସମ୍ପାଦକ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ପୁଣି ୩ ଡେଙ୍ଗୁ ପଜିଟିଭ୍ ଚିହ୍ନଟ

**ବ୍ରହ୍ମପୁର ଅଫିସ, ୧୩।୮**

ଗଞ୍ଜାମ ଜିଲାରେ ଦିନକୁ ଦିନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶୁକ୍ରବାର ଜିଲାରେ ଆଉ ୩ ଜଣ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ବ୍ରହ୍ମପୁରର ଓ ଜଣେ କବିସୂର୍ଯ୍ୟନଗର ଅଞ୍ଚଳର ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡ଼ିଛି। ବ୍ରହ୍ମପୁର ଗେଟବଜାର ଅଞ୍ଚଳରେ ଜଣେ ୪୨ ବର୍ଷୀୟ ବ୍ୟକ୍ତିଙ୍କୁ ଗତ ୧୦ ତାରିଖରେ ଜ୍ୱର ହୋଇଥିଲା। ତାଙ୍କର ଡେଙ୍ଗୁ ପରୀକ୍ଷା କରାଯିବାରେ ରିପୋର୍ଟ ପଜିଟିଭ୍ ଆସିଛି। ସେହିପରି ଜ୍ୱରରେ ଆକ୍ରାନ୍ତ ହାତୀବନ୍ଧ ସାହିର ଜଣେ ୩୫ ବର୍ଷୀୟ ମହିଳାଙ୍କର ମଧ୍ୟ ଡେଙ୍ଗୁ ପରୀକ୍ଷା କରାଯାଇଥିଲା। ଶୁକ୍ରବାର ତାଙ୍କ ରିପୋର୍ଟ ପଜିଟିଭ୍ ଆସିଛି। କବିସୂର୍ଯ୍ୟନଗର ରିଷିପୁର ଅଞ୍ଚଳର ଜଣେ ୩୫ ବର୍ଷୀୟ ମହିଳା ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇଲେ ଜିଲାରେ ମୋଟ ୯ଟି ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହେଲେଣି।

## ୨ ଦୋକାନରୁ ୧୬ ଲକ୍ଷ ଟଙ୍କା ଚୋରି

**ବ୍ରହ୍ମପୁର ଅଫିସ, ୧୩।୮**



ସନ୍ଧାନୀକୁକୁର ସହାୟତାରେ ପୋଲିସ ତଦନ୍ତ କରୁଛି।

ବ୍ରହ୍ମପୁର ସହରରେ ପୁଣି ମାତିଛନ୍ତି ଚୋର ଗ୍ୟାଙ୍ଗ୍। ପୋଲିସର ରାତ୍ରିକାଳୀନ ଜିଲା ପାଟ୍ରୋଲିଂର ଫାଇଦା ଉଠାଇ ବୈଦ୍ୟନାଥପୁର ଥାନା ଇଲାକାର ଦୁଇଟି ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ଟଙ୍କା ଚୋରି କରିଛନ୍ତି। ଗୋଟିଏ ଦୋକାନ ଥାନାଠାରୁ ପ୍ରାୟ ଶହେ ମିଟର ଦୂରତାରେ ଥିଲେ ମଧ ଚୋରମାନେ ବେଧଡ଼କ ଭିତରେ ପଶି ଚୋରି କରିଛନ୍ତି। ଉଭୟ ଦୋକାନର କ୍ୟାସ୍ କାଉଣ୍ଟରରୁ ପ୍ରାୟ ୧୬ ଲକ୍ଷ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଶୁକ୍ରବାର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ଜଣଙ୍କୁ ଥାନାରେ ଅଟକ ରଖି ଚୋରି ସମ୍ପର୍କରେ ପଚରାଉଚରା ଚଳାଇଛି।

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ତହସିଲ ଅଫିସ୍ ସମ୍ମୁଖରେ ଥିବା ଇଲେକ୍‌ଟ୍ରିକାଲ୍‌ସ ଦୋକାନ ମାଲିକ ରବି କିରଣ ଗୁରୁବାର ରାତି ପ୍ରାୟ ସାଢେ ୮ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଶୁକ୍ରବାର ସକାଳେ ସେ ଦୋକାନକୁ ଆସି କ୍ୟାସ୍ କାଉଣ୍ଟର ଭଙ୍ଗାଯାଇଥିବା ଓ ସେଥିରୁ ପ୍ରାୟ ୮ଲକ୍ଷ ଟଙ୍କା ଗାଏବ ହୋଇଥିବା ଦେଖି ପୋଲିସକୁ ଖବର କରିଥିଲେ। ଦୋକାନ ପଛପଟ କବାଟ ଭାଙ୍ଗି ଚୋର ଭିତରେ ପଶିଥିବା ପୋଲିସ ସନ୍ଦେହ କରୁଛି। ଦୋକାନରୁ କିଛି ବିଦ୍ୟୁତ ତାର ବଣ୍ଡଲ ମଧ ଚୋରି ହୋଇଛି। ସେହିପରି

### ଚୋର ଗ୍ୟାଙ୍ଗ୍ ସକ୍ରିୟ

ନୂଆ ବସ୍‌ଷ୍ଟାଣ୍ଡ ଗୋକର୍ଣ୍ଣେଶ୍ୱର ମନ୍ଦିର ସମ୍ମୁଖରେ ଥିବା ଏସିଆନ୍ ସୁପର ବଜାର ତଥା ଫୁଟ୍‌ୱେର ନାମକ ଶୋରୁମର ୩ଟି କ୍ୟାସ କାଉଣ୍ଟରରୁ ମଧ ପ୍ରାୟ ୮ ଲକ୍ଷ ୪ ହଜାର ଟଙ୍କା ଚୋରି ହୋଇଥିବା ଦୋକାନ ମାଲିକ ମହମ୍ମଦ ଇରଫାନ୍ ଥାନାରେ ଅଭିଯୋଗ କରିଛନ୍ତି। ଗୋଟିଏ ରାତିରେ ଦୁଇଟି ବଡ଼ ଚୋରି ଘଟଣା ପୋଲିସର ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। ପୋଲିସ ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରିଛି।

## ବିଦ୍ୟାଳୟକୁ ଜିଆଇଏ ପରିସରଭୁକ୍ତ କରିବାକୁ ଦାବି

**ବ୍ରହ୍ମପୁର ଅଫିସ, ୧୩।୮**

ଓଡ଼ିଶା ସ୍କୁଲ ଶିକ୍ଷକ ସଂଘ ଗଞ୍ଜାମ ଜିଲା କମିଟିର ଆହ୍ୱାନକ୍ରମେ ୧୭୭ ଅନୁଦାନ ଆଶାୟୀ ହାଇସ୍କୁଲ ଶିକ୍ଷକ କର୍ମଚାରୀ ସଙ୍ଗଠନ ପକ୍ଷରୁ ଶୁକ୍ରବାର ପ୍ରେମନଗର ସ୍ଥିତ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୨୦୧୫ ସେପ୍ଟମ୍ବର ମାସରେ ୫୬୬ ହାଇସ୍କୁଲ ମଧ୍ୟରୁ ୩୯୯ଟି ହାଇସ୍କୁଲକୁ ଜିଆଇଏ (ଅନୁଦାନ ଆଶାୟୀ) ପରିସରଭୁକ୍ତ କରାଯାଇଥିଲା। କିନ୍ତୁ ପରେ ବାକି ବିଦ୍ୟାଳୟଗୁଡ଼ିକୁ ଅନୁଦାନ ପରିସର ଭୁକ୍ତ କରାଯାଇ ନ ଥିବା ସଂଘ ଅଭିଯୋଗ କରିଛି। ୨୦୧୮ ଜାନୁୟାରୀ ୨୭ରେ ବିଦ୍ୟାଳୟ ଗୁଡ଼ିକର ଯାଞ୍ଚ କରାଯାଇ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦିଆଯାଇଥିଲା। ୨୦୧୯ରେ ସାଧାରଣ ନିର୍ବାଚନ କାରଣରୁ ତାହା ପରିସରଭୁକ୍ତ ହୋଇପାରିଲା ନାହିଁ। ବର୍ତ୍ତମାନ ବି ରାଜ୍ୟ ସରକାର ଅଦ୍ୟାବିଧି ବଳକା ବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ପରିସର ଭୁକ୍ତ କରିବା ଲାଗି ଆନ୍ତରିକତା ଦେଖାଉ ନ ଥିବା ସଂଘ ଅଭିଯୋଗ କରିଛି। ୧୫ ଦିନ ମଧ୍ୟରେ ବଳକା ବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ପରିସର ଭୁକ୍ତ କରିବା ପାଇଁ ସଂଘ ଦାବି କରିଛି। ଖବରଦାତା ସମ୍ମିଳନୀରେ ୧୭୭ ଅନୁଦାନ ଆଶାୟୀ କର୍ମଚାରୀ ସଂଘର ରାଜ୍ୟ ସଭାପତି ମନୋଜ କୁମାର ପରିଡ଼ା, ଗଞ୍ଜାମ ଜିଲା ଓଷ୍ଟା ସଂପାଦକ ବିଜୟ ବେହେରା, ରାଜ୍ୟ ସଂପାଦକ ଲଲାଟେନ୍ଦୁ କର, ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଇନ୍ଦ୍ରମଣି ବାରିକ, ଓଷ୍ଟା ଗଞ୍ଜାମ ଜିଲା ସଭାପତି ହିମାଂଶୁ ପଟ୍ଟନାୟକ, ଦକ୍ଷିଣ ଓଡ଼ିଶା ୧୭୭ ଅନୁଦାନ ଆଶାୟୀ ଶିକ୍ଷକ କର୍ମଚାରୀ ସଂଗଠନର ଦକ୍ଷିଣ ସମ୍ଭାଗ ଅଧକ୍ଷ ପୂର୍ଣ୍ଣ ଚନ୍ଦ୍ର ଦୋରାଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂଘବଦ୍ଧ ଆକ୍ରମଣ ମାମଲା, ୨ କୋର୍ଟଚାଲାଣ

**ଗୋପାଳପୁର, ୧୩।୮ (ଡି.ଏନ.ଏ.)**

ଜମିଜମା ବିବାଦକୁ ନେଇ ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲାରେ ଶୁକ୍ରବାର ଗୋଳନ୍ଥରା ଥାନା ପୋଲିସ ୨ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ମଦନମୋହନପୁର ଗ୍ରାମର ସିଏଚ୍ ଜଗା ପାତ୍ର ଓ ଟି.ରାମେୟା ପାତ୍ର। ଗୋଳନ୍ଥରା ଥାନା ଅନ୍ତର୍ଗତ ମଦନମୋହନପୁର ଗ୍ରାମର ଡ଼ି.ଆଡେୟା ପାତ୍ରଙ୍କ ୨ ପଡୋଶୀ ଦୀର୍ଘଦିନ ହେଲା ଏକ ଜାଗାକୁ ଜବରଦଖଲ କରି ରଖିଥିଲେ। ଏନେଇ ଆଡେୟା ଓ ପଡ଼ୋଶୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ପରେ ଆଡେୟା ଜବରଦଖଲ ଜାଗାକୁ ରାଜସ୍ୱ ଅଧିକାରୀଙ୍କୁ ଆଣି ମାପଚୁପ କରିବା ପରେ ଜାଗାଟି ତାଙ୍କର ବୋଲି ଜଣାପଡିଥିଲା। ଜାଗାକୁ ଦଖଲ କରିଥିବା୨ ବ୍ୟକ୍ତି ଗତ ୬ ତାରିଖରେ ଛାଡି ଦେବେ ବୋଲି କହିଥିଲେ। ହେଲେ ସେମାନେ ଜାଗା ଛାଡି ନ ଥିଲେ। ଏ ନେଇ ଆଡେୟା ପଚାରିବାରୁ ଦୁଇ ପଡ଼ୋଶୀ ଜଗା ଓ ରାମେୟା ଉତ୍ତ୍ୟକ୍ତ ହୋଇ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରି ଫେରାର୍ ଥିଲେ। ଏ ନେଇ ଆଡେୟା ଗତ ୮ ତାରିଖରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ନଂ.୨୧୫/୨୧ ରେ ପୋଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶୁକ୍ରବାର ଜଗା ଓ ରାମେୟା ଗ୍ରାମରେ ବୁଲୁଥିବା ବେଳେ ଖବରପାଇ ଗୋଳନ୍ଥରା ଥାନା ପୋଲିସ ଚଢ଼ାଉ କରି ୨ଜଣଙ୍କୁ କାବୁ କରିଥିଲା।

## ପୁରୁଣା ବ୍ରହ୍ମପୁର ସମସ୍ୟା ନେଇ କମିଶନରଙ୍କୁ ଦାବିପତ୍ର

**ବ୍ରହ୍ମପୁର ଅଫିସ, ୧୩।୮**



କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୧୦ ନଂ. ୱାର୍ଡ଼ ପୁରୁଣା ବ୍ରହ୍ମପୁରର ବିଭିନ୍ନ ସମସ୍ୟାକୁ ନେଇ ଶୁକ୍ରବାର ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୁରୁଣା ବ୍ରହ୍ମପୁର ମାଲୁଆଣୀ ନଗରସ୍ଥିତ ୧ମ, ୨ୟ ଓ ୩ୟ ଲାଇନ୍‌ରେ ଥ୍ରୀ ଫେଜ୍ ଲାଇନ୍, ଷ୍ଟ୍ରିଟ୍ ଲାଇଟ୍, ରାସ୍ତା ସଫେଇ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ସ୍ଥାନୀୟ ବାସିନ୍ଦା କହିଛନ୍ତି, ଷ୍ଟ୍ରିଟ୍ ଲାଇଟ୍ ନ ଥିବା କାରଣରୁ ଏହି ଅଞ୍ଚଳରେ ଅସାମାଜିକଙ୍କ ପାଦୁର୍ଭାବ ବୃଦ୍ଧି ପାଇଛି। ସନ୍ଧ୍ୟାରେ ସାଧାରଣ ଜନତା ଯାତାୟତ ପାଇଁ ଭୟ କରୁଛନ୍ତି। ଏଥିସହ ଚୋରି ଘଟଣା ମଧ ଘଟୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଦିଲୀପ କୁମାର ହୋତା, ସୀମାଞ୍ଚଳ ସାହୁ, ନିରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ଆରଡିସିଙ୍କୁ ସଂସ୍କାରବାଦୀର ସ୍ମାରକପତ୍ର

### ପ୍ରତିଭାବାନଙ୍କ ନାଁରେ ଇନ୍‌ଡୋର୍ ଷ୍ଟାଡିୟମ ନାମିତ ଦାବି



ସଂଘ ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯାଉଛି।

**ବ୍ରହ୍ମପୁର ଅଫିସ, ୧୩।୮**

ଇନ୍‌ଡୋର୍ ଷ୍ଟାଡ଼ିୟମ୍‌ଗୁଡ଼ିକୁ କ୍ରୀଡ଼ାବିତ୍, ଶହୀଦ୍ ଓ ପ୍ରତିଭାବାନ୍‌ଙ୍କ ନାମରେ ନାମିତ କରିବା ପାଇଁ ସଂସ୍କାରବାଦୀ ଅନୁଷ୍ଠାନ ଦାବି କରିଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡ଼ିସି)ଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଓଡ଼ିଶାର ୮୯ଟି ସହରାଞ୍ଚଳରେ ଇନ୍‌ଡ଼ୋର ଷ୍ଟାଡ଼ିୟମ୍ ନିର୍ମାଣ ପାଇଁ ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ହେଲେ ଏସବୁକୁ କ୍ରୀଡ଼ାବିତ୍, ଶହିଦ୍ ଓ ପ୍ରତିଭାବାନ୍‌ଙ୍କ ନାମରେ ନାମିତ କରାଯିବାକୁ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ତ୍ରିନାଥ ମହାରଣା, ସଂପାଦକ ଲଳିତ ମୋହନ ସାହୁ, ହିମାଂଶୁ ଶେଖର ପଟ୍ଟନାୟକ, ଲିଙ୍ଗରାଜ ମହାପାତ୍ର, ରବିନ୍ଦ୍ର କୁମାର ସାହୁ, ବରୁଣ କୁମାର ପଣ୍ଡାଙ୍କ ସମେତ ସଂଘର ସଦସ୍ୟ ଉପସ୍ଥିତ ଥିଲେ।

## ଓଏସ୍‌ଏସ୍‌ସି ଦୁର୍ନୀତି ନେଇ ବିକ୍ଷୋଭ

### ବିଚାର ବିଭାଗୀୟ ତଦନ୍ତ ଦାବି କଲା ସିପିଏମ୍




ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବ୍ରହ୍ମପୁର ଅଫିସ, ୧୩।୮**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓଏସ୍‌ଏସ୍‌ସି) ଚାକିରିରେ ବଡ ଧରଣର ଦୁର୍ନୀତି ନେଇ ଶୁକ୍ରବାର ସିପିଏମ୍ ପକ୍ଷରୁ କମାପଲୀ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଏହାର ବିଚାର ବିଭାଗୀୟ ତଦନ୍ତ ଦାବି କରାଯାଇଛି। ଓଏସ୍‌ଏସ୍‌ସି ଦୁର୍ନୀତି ରାଜ୍ୟ ସରକାରଙ୍କ ନିର୍ମଳ ଭାବମୂର୍ତ୍ତିର ଅସଲ ସ୍ୱରପକୁ ପଦାରେ ପକାଇଛି ବୋଲି ସିପିଏମ୍ କହିଛି। ସରକାର କେବଳ ଜଣଙ୍କୁ ବହିଷ୍କାର କରି ଭିଜିଲାନ୍ସ ତଦନ୍ତ ମଧ୍ୟରେ କାର୍ଯ୍ୟ ସଂପାଦନ କରି ନୀରବ ରହିଛନ୍ତି, ଯାହାକି ଧର୍ମକୁ ଆଖି ଠାର ସଦୃଶ। ବିଚାର ବିଭାଗୀୟ ତଦନ୍ତ ହେଲେ ଆହୁରି ଅନେକଙ୍କ ମୁଖା ଖୋଲିବ ବୋଲି କୁହାଯାଇଛି। ସିପିଏମ୍‌ର ଯୁଧିଷ୍ଠିର ବେହେରା, ବସନ୍ତ ନନ୍ଦ, ହରିକୃଷ୍ଣ ରେଡ୍ଡି, ଗୋପାଳ ପାଣିଗ୍ରାହୀ, ପ୍ରତାପ ଚୌଧୁରୀ ଓ ଶିବ ପ୍ରସାଦ ମହାପାତ୍ରଙ୍କ ସମେତ ବହୁ ଦଳୀୟ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ସରକାରୀ ଚାକିରିରେ ୨୭% ଓବିସିଙ୍କୁ ନିଯୁକ୍ତି ଦିଆଯାଉ

### ନିର୍ବାଚନରେ ବିଜେଡି ଓବିସି ପ୍ରାର୍ଥୀ ଦେବା ଘୋଷଣାକୁ କଂଗ୍ରେସର କଟାକ୍ଷ

**ବ୍ରହ୍ମପୁର ଅଫିସ, ୧୩।୮**

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ୨୭% ଓସିସି ପ୍ରାର୍ଥୀ ଦେବ ଏବଂ ପରବର୍ତ୍ତି ସବୁ ନିର୍ବାଚନରେ ଏହି ପ୍ରକ୍ରିୟା ଜାରି ରହିବ ବୋଲି ଶୁକ୍ରବାର ଦଳ ପକ୍ଷରୁ ଘୋଷଣା କରାଯାଇଛି। ୨ ମନ୍ତ୍ରୀ ଅରୁଣ ସାହୁ ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆନୁଷ୍ଠାନିକ ଭାବେ ଏହି ସୂଚନା ଦେବା ପରେ ବିଜେଡି ପଛୁଆ ବର୍ଗ କର୍ମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଅପରପକ୍ଷରେ ଶାସକ ଦଳର ଏହି ଘୋଷଣା ଭୋଟ ରାଜନୀତି ହୋଇଥିବା ବିରୋଧୀ ଦଳ କଟାକ୍ଷ କରିଛି। ବିଜେଡି ଯଦି ଓବିସିକୁ ଗୁରୁତ୍ୱ ଦେଉଛି, ତେବେ ସେହି ବର୍ଗର ୨୭% ଯୁବତୀ ଯୁବକଙ୍କୁ ସରକାରୀ ଚାକିରିରେ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାର ଘୋଷଣା କରିବାକୁ ବିରୋଧୀ କଂଗ୍ରେସ ଦାବି କରିଛି।

ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ବିଧାନସଭା ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରା ପ୍ରତିକ୍ରିୟାରେ କହିଛନ୍ତି, ୧୯୯୧ରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂ ମଣ୍ଡଳ କମିଶନ ଆଧାରରେ ଓବିସିଙ୍କ ପାଇଁ ଯେଉଁ ପଦକ୍ଷେପ ନେଲେ ତାହା ବିରୋଧରେ ଦେଶରେ ବ୍ୟାପକ ଛାତ୍ର ଆନ୍ଦୋଳନ ସୂତ୍ରପାତ ହେଲା। ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ସହ ଅନେକଙ୍କ ଜୀବନ ଯାଇଥିଲା। ସେତେବେଳେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ରାଜ୍ୟ ମୁଖ୍ୟମନ୍ତ୍ରୀ ଥିଲେ ଏବଂ କେନ୍ଦ୍ର ସରକାରଙ୍କ ମଣ୍ଡଳ କମିଶନ ସୁପାରିଶକୁ ନେଇ ଖୋଲା ବିରୋଧ କରିଥିଲେ। ସବୁ ବର୍ଗର ଗରିବଙ୍କ କୌଣସି ଜାତି ନଥିବା ଦର୍ଶାଇ ମେଧାବୀଙ୍କୁ ସୁଯୋଗ ଦିଆଯିବା ଉପରେ ଗୁରୁତ୍ୱ ଦେଇଥିଲେ। କେବଳ ସେତିକି ନୁହେଁ ମଣ୍ଡଳ କମିଶନ ସୁପାରିସ ଓ କେନ୍ଦ୍ରର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ମଧ୍ୟ ଦାଏର କରିଥିଲେ।

ସେହି ମହାନ ନେତାଙ୍କ ପୁତ୍ର ନବୀନ ପଟ୍ଟନାୟକ ଦୀର୍ଘ ୨୧ ବର୍ଷ ହେବ ରାଜ୍ୟ ଶାସନର ମୁଖ୍ୟ ହୋଇଛନ୍ତି। ପିତା ଯେଉଁ ଜାତି ଗଣନାକୁ ବିରୋଧ କରୁଥିଲେ ଏବେ ପୁତ୍ର ତାହା କାର୍ଯ୍ୟକାରୀ କରିବାକୁ ଦାବି କରୁଛନ୍ତି। ବିଜେଡି ଏମପିମାନେ ଲୋକସଭାରେ ଏହି ପ୍ରସଙ୍ଗ ଉଠାଇଛନ୍ତି ଏବଂ କେନ୍ଦ୍ର ସୌରାଷ୍ଟ୍ର ମନ୍ତ୍ରୀଙ୍କୁ ଭେଟି ଦାବି ଦୋହରାଇଛନ୍ତି। ଜାତି ଭିତ୍ତିକ ଗଣନା ଓ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ସାଧାରଣ ବର୍ଗର ବ୍ୟାପକ କ୍ଷତି ହେବା ଦର୍ଶାଇ ଏଥିରୁ ନିବୃତ୍ତ ହେବାକୁ ପୂର୍ବତନ ବାଚସ୍ପତି ପରାମର୍ଶ ଦେଇଛନ୍ତି। ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣକୁ ଆଇନରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ଦୀର୍ଘଦିନରୁ ଦାବି କରୁଛନ୍ତି। ଉପା ସରକାର ଶାସନରେ ଏହି ପ୍ରସଙ୍ଗ ରାଜ୍ୟସଭାରେ ପାରିତ ସତ୍ତ୍ୱେ ବର୍ତ୍ତମାନର ମୋଦୀ ସରକାର ଲୋକସଭାରେ ଅନୁମୋଦନ କରୁନାହାନ୍ତି। ତଥାପି ଅନେକ ପ୍ରସଙ୍ଗରେ ଏନଡିଏ ସରକାରଙ୍କୁ ବିଜେଡି ସମର୍ଥନ କରୁଥିବାରୁ ଉଭୟଙ୍କ ମଧ୍ୟରେ ଭିତିରି ସମ୍ପର୍କ ଥିବା ଦ୍ୟାନସାମନ୍ତରା ସମାଲୋଚନା କରିଛନ୍ତି। ଓବିସି ପ୍ରସଙ୍ଗରେ କେବଳ ଦଳୀୟ ନୀତି କରାନଯାଇ ସରକାରୀ ଭାବେ ସମସ୍ତ କ୍ଷେତ୍ରରେ ୨୭% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯିବାକୁ ସେ ଦାବି ଦୋହରାଇଛନ୍ତି।

# ସଂକ୍ଷେପରେ

## ଆଜି ଯୁକ୍ତ୨ କଳା, ଧନ୍ଦାମୂଳକ ପରୀକ୍ଷାଫଳ

**ଭୁବନେଶ୍ୱର, ୧୩।୮(ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇବ। ଏନେଇ ଶୁକ୍ରବାର ସିଏଚ୍‌ଏସଇ ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରୀଛାତ୍ର orissaresults.nic.in ୱେବ୍‌ସାଇଟରେ ନିଜ ପରୀକ୍ଷାଫଳ ପାଇପାରିବେ। ଚଳିତବର୍ଷ କରୋନା ମହାମାରୀ ଯୋଗୁ ଯୁକ୍ତ୨ ପରୀକ୍ଷା ବାତିଲ ହୋଇଥିଲା। ବିକଳ୍ପ ପଦ୍ଧତିରେ ପିଲାଙ୍କର ମୂଲ୍ୟାୟନ କରାଯାଇଛି। ଗତ ଜୁଲାଇ ୩୧ରେ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ବାହାରିଥିଲା। ସେହି ସମୟରେ ଆଉ ୧୫ ଦିନ ମଧ୍ୟରେ କଳା ପରୀକ୍ଷାଫଳ ପ୍ରକାଶ କରାଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଥିଲା। ଚଳିତ ବର୍ଷ କଳାରେ ପାସ୍‌ହାର ୯୦% ଉପରେ ରହିବ ବୋଲି ପରୀକ୍ଷା ନିୟନ୍ତ୍ରକ ବିଜୟ ସାହୁ ସୂଚନା ଦେଇଛନ୍ତି। ତେବେ ନିଜ ଫଳାଫଳକୁ ନେଇ ଅସନ୍ତୁଷ୍ଟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇଲେ ସେମାନଙ୍କ ନିମନ୍ତେ କ'ଣ ପଦକ୍ଷେପ ଗ୍ରହଣ କରାଯିବ, ଅଫ୍‌ଲାଇନ୍‌ରେ ପରୀକ୍ଷା କରାଯିବ କି ନାହିଁ ସେ ସମ୍ପର୍କରେ ଆଗାମୀ ଦିନରେ ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ, ଏଥର ଯୁକ୍ତ୨ ବିଜ୍ଞାନରେ ପାସ୍‌ହାର ୯୫.୧୫% ଥିବାବେଳେ ବାଣିଜ୍ୟରେ ୯୪.୯୬% ପାସ୍‌ହାର ରହିଥିଲା।

## ୩୯ କରୋନା ଆକ୍ରାନ୍ତ

**ନୟାଗଡ଼ ଅଫିସ,୧୩।୮:** ନୟାଗଡ଼ ଜିଲାରେ ଶୁକ୍ରବାର ରିପୋର୍ଟ ଅନୁସାରେ କରୋନାରେ ୩୯ ଚିହ୍ନଟ ହୋଇଛନ୍ତି। ତେଣୁ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫,୯୬୩ରେ ପହଞ୍ଚିଛି। ରିପୋର୍ଟରେ ଭାପୁର ବ୍ଲକରେ ୨, ଦଶପଲ୍ଲାରେ ୩, ଖଣ୍ଡପଡା ବ୍ଲକରେ ୩, ନୟାଗଡରେ ୧୦, ନୂଆଗାଁରେ ୩, ଓଡଗାଁରେ ୩, ରଣପୁର ବ୍ଲକରେ ୪ ଓ ନୟାଗଡ଼ ମ୍ୟୁନିସିପାଲିଟିରେ ୧୧ଜଣ ଅଛନ୍ତି। ପ୍ରକାଶଥାଉକି, କରୋନାର ୧ମ ଓ ୨ୟ ପର୍ଯ୍ୟାୟ ଲହର ନୟାଗଡ ଜିଲାରୁ ୧୬୪ ଜୀବନଦୀପ ଲିଭି ସାରିଲାଣି।

## ମହିଳାଙ୍କ ଫଟୋ ଭାଇରାଲ ଘଟଣା : ଜେଲ ଗଲେ ଶିକ୍ଷକ

**ଖଣ୍ଡପଡା,୧୩।୮(ସ୍ୱ.ପ୍ର):** ଖଣ୍ଡପଡା ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତକୁ ହାରା ଗ୍ରାମସ୍ଥିତ ଲଡୁକେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ନକୁଳ ପ୍ରଧାନ ଜଣେ ମହିଳାଙ୍କ ଫଟୋ ମୋବାଇଲରେ ଭାଇରାଲ କରିଥିଲେ। ଏହି ଘଟଣାରେ ଶିକ୍ଷକଙ୍କୁ ଜେଲ ଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସମ୍ପୃକ୍ତ ଶିକ୍ଷକ ଜଣଙ୍କ ସପରିବାର ସହ ନୟାଗଡ଼ ଜିଲା ଅଧୀନ ଇଟାମାଟି ଗାଁରେ ରହୁଥିବା ବେଳେ ୨ ବର୍ଷ ଧରି ଜଣେ ମହିଳାଙ୍କ ସହ ତାଙ୍କର ସମ୍ପର୍କ ଗଢି ଉଠିଥିଲା। ଏବେ ସେ ମହିଳା ଜଣଙ୍କ ନୟାଗଡ଼ ଜିଲାର ଶରଣକୁଳ ଥାନା ଅଞ୍ଚଳରେ ବିବାହ କରିଥିବା ଜଣାପଡିଛି। ଉକ୍ତ ମହିଳାଙ୍କ ସ୍ୱାମୀ ଘଟଣା ସମ୍ପର୍କରେ ଅବଗତ ହେବା ପରେ ସମ୍ପୃକ୍ତ ଶିକ୍ଷକକୁ ତାଗିଦ୍ କରିବା ସହ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ନଂ. ୯୮/୨୧ରେ ମାମଲା ରୁଜୁ କରିବା ସହ ଶିକ୍ଷକ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଧାନକିଣାରେ ଜାଲିଆତି ବଢୁଛି

**ନୟାଗଡ଼ ଅଫିସ,୧୩।୮**

- ପୁଣି ନକଲି ଚାଷୀ, ମିଲରଙ୍କ ଜୁଲମ
- ରୋକାଯାଇ ପାରୁନି ଅଭାବୀ ବିକ୍ରି
- ନିଲମ୍ବନ କରି ପ୍ରଶାସନ ଚୁପ

ଧାନକିଣାରେ ନକଲି ଚାଷୀ ଓ ମିଲରଙ୍କ ଜୁଲମ ଚିନ୍ତାର କାରଣ ପାଲଟିଛି। ବିଭିନ୍ନ ଆଳ ଦେଖାଇ ପ୍ରକୃତ ଚାଷୀଙ୍କୁ ପଞ୍ଜୀକରଣରୁ ବାଦ୍ ଦିଆଯାଉଛି। କିନ୍ତୁ ନକଲି ଚାଷୀ ଧରାଧରି କରି ଅସଲି ଚାଷୀ ହୋଇପାରିଛନ୍ତି, ଯାହାକି ଧାନକିଣାରେ ଅବ୍ୟବସ୍ଥା ଓ ଜାଲିଆତିକୁ ପ୍ରତିବର୍ଷ ବଢ଼ାଇ ଚାଲିଛି। ପୁଣି ପ୍ରକୃତ ଚାଷୀ ଟୋକନକୁ ଅପେକ୍ଷା କରି ଧାନ ବିକ୍ରି କରି ପାରୁ ନ ଥିବାବେଳେ ନକଲି ଚାଷୀ ଆଗୁଆ ଧାନ କାଗଜାତରେ ବିକ୍ରି କରୁଛନ୍ତି। ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତିରେ ଚାଲିଥିବା ଧାନକିଣା କେନ୍ଦ୍ରର ଜାଲିଆତି ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ନିଲମ୍ବନ କରି ଦାୟିତ୍ୱ ଶେଷ କରିଦେଉଛି। ଏଭଳିସ୍ଥଳେ ପ୍ରତିବର୍ଷ ପଡ଼ିଆ, ପୋଖରୀ, ନଦୀ, କାଜୁ ବଗିଚା, ମୁଣ୍ଡିଆ ପରି ଅଞ୍ଚଳରେ ଧାନଚାଷ ହେଉଥିବା ଦର୍ଶାଇ ନକଲି ଚାଷୀ ଭଲ ରୋଜଗାର କରୁଛି।

ପ୍ରକାଶଥାଉକି ଧାନକିଣାରେ ଅବ୍ୟବସ୍ଥା ଓ ଜାଲିଆତି ଧରାପଡ଼ିବା ପରେ ଗତ ଆର୍ଥିକ ବର୍ଷରେ ୭ଜଣ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନିଲମ୍ବନ କରାଯାଇଛି। ପୁଣି ଅନିୟମିତତାର ଅଭିଯୋଗ ସତ୍ତ୍ୱେ ଅନେକ ସମିତିକୁ ସୁରକ୍ଷା ଦିଆଗଲା। ଯାହାର ନଜିର ମାନ୍ଧତାପୁର, ନୋଉର, ରଙ୍ଗଦେଉଳି ପ୍ରାଥମିକ କୃଷି ସମବାୟ ସମିତିରେ ଦେଖିବାକୁ ମିଳିଛି। ଏହି ୩ ସମିତିରେ ନକଲି ଚାଷୀଙ୍କ ଦ୍ୱାରା ଧାନକିଣା ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ କରାଗଲା ନାହିଁ। ତଦନ୍ତର ଆଳ ଦେଖାଇ ଏହି ୩ଟି ସମିତିରେ ଧାନକିଣା ଦୁର୍ନୀତିକୁ ଚାପି ଦିଆଗଲା ବୋଲି ଅଭିଯୋଗ ରହିଛି। ବିଗତ ୩ବର୍ଷ ହେଲା ନକଲି ଚାଷୀଙ୍କ ପ୍ରାଦୁର୍ଭାବ ନୟାଗଡ଼ ଜିଲାରେ ବଢ଼ିଛି। ନକଲି ଚାଷୀଙ୍କ ନାଁରେ ଲକ୍ଷାଧିକ ଟଙ୍କା ରୋଜଗାର ଚାଲିଛି। କେତେଗୋଟି ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ, ଯୋଗାଣ ବିଭାଗର କର୍ମଚାରୀ, ମିଲର, ଗାଁ ଦଲାଲ ଓ ଧାନ ବ୍ୟବସାୟୀ ଏଥିରେ ସମ୍ପୃକ୍ତ ରହି କାରବାର ଚଳାଇ ଆସୁଛନ୍ତି। ଏକ ପ୍ରଭାବଶାଳୀ ଗୋଷ୍ଠୀ ଦ୍ୱାରା ଏହା ନିୟନ୍ତ୍ରିତ ହେଉଛି। ଏଥିରେ ତଳସ୍ତରରୁ ଉପରସ୍ତର ପର୍ଯ୍ୟନ୍ତ କର୍ମଚାରୀ ଓ ଅଧିକାରୀମାନଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ରହିଛି। ଏଣୁ ନକଲି ଚାଷୀ ଧରାପଡିବା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅନ୍ୟପକ୍ଷେ ନକଲି ଚାଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନର ଚେତାବନୀ ଜିଲାପାଳଙ୍କ ନିର୍ଦ୍ଦେଶ ଫାଇଲ ତଳେ ଚାପି ହୋଇ ରହୁଛି, ଯାହାକି ୨ବର୍ଷର ଜିଲା ପ୍ରଶାସନର କାର୍ଯ୍ୟକୁ ଅନୁଧ୍ୟାନ କଲେ ବାରି ହୋଇପଡୁଛି।

### ତଦନ୍ତର ସ୍ୱଚ୍ଛତା ନାହିଁ

ଚାଷୀ କିଏ, ସେନେଇ ଠିକ୍ ଭାବେ ତଦନ୍ତ ହେଉ ନ ଥିବାରୁ ଧାନକିଣାରେ ସ୍ୱଚ୍ଛତା ରହୁନାହିଁ ବୋଲି ଅନେକ ଚାଷୀ ଅଭିଯୋଗ କରୁଛନ୍ତି। ପ୍ରତିବର୍ଷ ପ୍ରଶାସନିକ ସ୍ତରରେ କୁହାଯାଉଛି ଏବର୍ଷ କିଛି ଅବ୍ୟବସ୍ଥା ହେବନାହିଁ। କିନ୍ତୁ ଧାନ କିଣା ହେଲା ବେଳକୁ ଅସୁବିଧା ହେଉଛି। ଏଣୁ ଜିଲାରେ ଚାଷୀମାନଙ୍କ ଅସନ୍ତୋଷ ବଢ଼ିଚାଲିଛି। କେତେଜଣ ଚାଷୀ ଚାଷ ପ୍ରତି ବୀତସ୍ପୃହ ହୋଇ ଚାଷ ଛାଡୁଛନ୍ତି। ଏ ନେଇ ନୟାଗଡ଼ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ (ଏଆରସିଏସ୍ ) ଭାସ୍କର ପାଣିଗ୍ରାହୀ ଚଳିତବର୍ଷ ଜିଲାରେ ୨୨,୫୦୦ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି ବୋଲି କହିଛନ୍ତି। ପଞ୍ଜୀକରଣ ପରେ ପ୍ରତି ତହସିଲର ତହସିଲଦାର ନୋଡାଲ ଅଫିସର ଭାବେ ଏହାର ଯାଞ୍ଚ କରିବେ। ତହସିଲଦାରଙ୍କୁ ବ୍ଲକ ଯୋଗାଣ ଅଧିକାରୀ ସହଯୋଗ କରିବେ। ଏହାର ସୁପରଭାଇଜ ବ୍ଲକ, କୃଷି ବ୍ଲକ ଅଧିକାରୀ ଓ ଏଆରସିଏସ୍ କାର୍ଯ୍ୟାଳୟର ୪ଜଣ କରିବେ। ଚାଷୀଙ୍କ ଜମି ଅଛି କି ନା, ଭିଏଡବ୍ଲ୍ୟୁ, ଆରଆଇ, ଜଳସମ୍ପଦ, ଉଠା ଜଳସମ୍ପଦ ଓ କ୍ଷୁଦ୍ର ଜଳସମ୍ପଦ ବିଭାଗର ଜେଇ/ଏଇ କରିବେ। ଏମାନଙ୍କୁ ସହଯୋଗ କରିବେ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ। ସେପ୍ଟେମ୍ବର ୮ ଓ ୯ ସୁଦ୍ଧା ଫିଲ୍ଡ ଇନ୍‌କ୍ୱାରି ଶେଷ ହେବା ପରେ ଚାଷୀଙ୍କ ନାମ ଅପ୍‌ଡେଶନ ହେବ। ଅପ୍‌ଡେଶନ ପରେ ସର୍କଲ ଅନୁସାରେ ଭାଲିଡେଶନ କରାଯାଇ ଚାଷୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ରହିବ। ଏ ନେଇ ଗତ ୭ ତାରିଖରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଏଥର ପ୍ରକୃତ ଚାଷୀ ଯେପରି ଧାନ ବିକିବେ, ସେନେଇ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ପାଇଁ ଧାରଣା



ବ୍ଲକ ସମ୍ମୁଖରେ ବିଜୟ କୁମାର ବେହେରା ଧାରଣା ଦେଇଛନ୍ତି।

**ନୂଆଗାଁ, ୧୩।୮(ଡି.ଏନ.ଏ)**

ଚାଳଘରେ ରହୁଥିବା ପ୍ରତି ଗରିବ ଲୋକଙ୍କୁ ପକ୍କାଘର ଯୋଗାଇ ଦେବା ଲକ୍ଷ୍ୟରେ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ଏଥିରେ ପାତରଅନ୍ତର କରାଯାଉଥିବା ଅଭିଯୋଗ ହେଉଛି। ପ୍ରଧାନମନ୍ତ୍ରୀ ଆବାସ ପାଇଁ ଶୁକ୍ରବାର ନୂଆଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶିଖରଗୋଛା ଗାଁର ବିଜୟ କୁମାର ବେହେରା ଧାରଣା ଦେଇଛନ୍ତି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ଶିଖରଗୋଛା ଗ୍ରାମର ବିଜୟଙ୍କ ଅଭିଯୋଗ ଅନୁସାରେ ପୂର୍ବ ବର୍ଷଗୁଡିକରେ ଆବାସ ଯୋଜନାର ହିତାଧିକାରୀ ତାଲିକାରେ ତାଙ୍କ ନାମ ଥିଲା। ହେଲେ ତଦନ୍ତ ସମୟରେ ପକ୍କା ଘର ଥିବା ଦର୍ଶାଇ ତାଙ୍କ ନାମକୁ ଯୋଗ୍ୟ ତାଲିକାରୁ କାଟି ଦିଆଯାଇଛି। ଏପରିକି ଅଭିଯୋଗକାରୀ ଜଣେ ରାଜମିସ୍ତ୍ରି ହୋଇଥିବାରୁ ନିର୍ମାଣ ଶ୍ରମିକ ଆବାସ ତାଲିକାରେ ତାଙ୍କ ନାମ ମଧ୍ୟ ଥିଲା। କିନ୍ତୁ ତଦନ୍ତ ସମୟରେ ତାକୁ ମଧ୍ୟ କାଟି ଦିଆଯାଇଛି। ଚଳିତବର୍ଷ ଆବାସ ତାଲିକାରେ ବିଜୟଙ୍କ ନାମ ବାଦ୍ ପଡିଛି। ତେଣୁ ପଞ୍ଚାୟତ ଏବଂ ବ୍ଲକ କର୍ମଚାରୀଙ୍କ ପାତରଅନ୍ତର ନୀତି ଯୋଗୁ ସେ ଆବାସ ପାଇ ପାରୁ ନ ଥିବା ଅଭିଯୋଗ କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରି ତାଙ୍କୁ ଆବାସ ଯୋଗାଇ ଦେବାକୁ ବିଜୟ ଦାବି କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ, ଅତିରିକ୍ତ ବିଡିଓ ଶିଖରଗୋଛା ଯାଇ ବିଜୟଙ୍କ ଘର ସମ୍ପର୍କରେ ତଦନ୍ତ କରିଥିଲେ। ହେଲେ ସେ କରିଥିବା ଅଭିଯୋଗ ଭିତ୍ତିହୀନ। ଅଭିଯୋଗକାରୀଙ୍କ ପକ୍କାଘର ରହିଥିବା ଜଣପଡିଛି। ତେଣୁ ବିଜୟ ଆବାସ ଯୋଜନାରେ ଘର ପାଇବାକୁ ଯୋଗ୍ୟ ନୁହନ୍ତି ବୋଲି ବିଡିଓ ନାୟକ କହିଛନ୍ତି। ଅପରପକ୍ଷେ ଘର ପାଇବା ପର୍ଯ୍ୟନ୍ତ ନିଜର ଧାରଣା ଜାରି ରଖିବେ ବୋଲି ଜିଦ୍‌ରେ ବିଜୟ ଅଟଳ ରହିଛନ୍ତି।

# ଅଭିଯୋଗ ନ ଶୁଣି ତଦନ୍ତ ଶେଷ

**ନୟାଗଡ ଅଫିସ,୧୩।୮**



ଚିକିତ୍ସାଧୀନ ଭାସି ନାୟକ ।(ଫାଇଲ ଫଟୋ)

### ଗର୍ଭାଶୟ ଅପସାରଣ ପାଇଁ ଟଙ୍କା ଦାବି ଘଟଣା

- ନିରାଶ ହୋଇ ଫେରିଲେ ଅଭିଯୋଗକାରୀ

ଗର୍ଭାଶୟ ଅପସାରଣ ପାଇଁ ଲାଞ୍ଚ ମାଗିବା ଘଟଣାର ତଦନ୍ତ ବୁଧବାର ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ଶେଷ ହୋଇଯାଇଥିବା ଜଣାପଡିଛି। ଏହା ଜାଣି ପାରି ନିଜର ପକ୍ଷ ରଖିବାକୁ ଯାଇଥିବା ଅଭିଯୋଗକାରୀ ରମେଶ ନାୟକ ଓ ରେଡକ୍ରସ ସ୍ୱେଚ୍ଛାସେବୀ ସଙ୍ଗଠନ ଭଲ୍ୟୁଣ୍ଟାରୀ ଫୋରମ ବିଭୂତି ପଟ୍ଟନାୟକ ଅସନ୍ତୋଷ ବ୍ୟକ୍ତ କରି ଫେରି ଆସିଛନ୍ତି।

ଅଭିଯୋଗକାରୀ ରମେଶ ନାୟକଙ୍କ ସୂଚନା ଅନୁସାରେ, ବୁଧବାର ତଦନ୍ତର ପ୍ରଥମ ଦିବସରେ ହଇରାଣ କରାଯାଇ ସାକ୍ଷ୍ୟ ନିଆଗଲାନାହିଁ। ଦେଢ଼ ଘଣ୍ଟାର ଅପେକ୍ଷା ପରେ ଘରକୁ ଫେରିଥିଲି। ଘରକୁ ଆସିବାର କିଛି ସମୟ ପରେ ତଦନ୍ତକାରୀ ଅଧିକାରୀ ଫୋନ କରି ଡକାଇ ଥିଲେ। ଆସନ୍ତୁ ତଦନ୍ତ କରାଯିବ ବୋଲି କହିଥିଲେ। ଶୁକ୍ରବାର ପୁଣି ଫୋନ ଯୋଗେ ଡକାଇଲେ। ଫୋନ ଆସିବା ସମୟରେ ଜାଣି ପାରି ନ ଥିଲି। ପରେ ଫୋନ କରିବାରୁ ତଦନ୍ତ ଶେଷ ହୋଇଛି କୁହାଗଲା। ସିଡିଏମ୍‌ଓ ଘଟଣାର ତଦନ୍ତ କରିବେ ବୋଲି କୁହାଗଲା। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶକ୍ତି ପ୍ରସାଦ ମିଶ୍ରଙ୍କୁ ପଚାରିବାରୁ କହିଥିଲେ ତଦନ୍ତ ଶେଷ ହୋଇନି। ସ୍ତ୍ରୀ ଓ ପ୍ରସୂତି ବିଭାଗର ବରିଷ୍ଠ ବିଶେଷଜ୍ଞ ସୁଧାଂଶୁ ଷଡଙ୍ଗୀ ଡାକ୍ତର ଟଙ୍କା ମାଗିବା ଘଟଣାର ତଦନ୍ତ କରୁଛନ୍ତି। ଶୁକ୍ରବାର ଦୁଇଜଣ ଡାକ୍ତର ସେମାନଙ୍କର ପକ୍ଷ ରଖିଛନ୍ତି। ଅଭିଯୋଗକାରୀଙ୍କୁ ପକ୍ଷ ରଖିବାରୁ ସୁଯୋଗ ଦିଆଯିବ। ତଦନ୍ତ ଶେଷ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଜଣେ ବ୍ୟକ୍ତି ନିଜ ନାଁ ଗୋପନ ରଖି କହିଛନ୍ତି, ଘଟଣାକୁ ରଫାଦଫା କରିବାକୁ ଚେଷ୍ଟା ଚାଲିଛି। ଦୁଇ ଡାକ୍ତରଙ୍କର ଅସହଯୋଗ ଯୋଗୁ ଗର୍ଭାଶୟ ଅପସାରଣ ହୋଇ ପାରି ନ ଥିଲା। ଅଭିଯୋଗକାରୀଙ୍କୁ ବିଭ୍ରାନ୍ତ କରା ଯାଉଛି। ସେ ସାକ୍ଷ୍ୟ ନ ଦେଲେ କେସର ମୋଡକୁ ବଦଳାଇ ଦିଆଯିବ ବୋଲି କହିଛନ୍ତି।

ପ୍ରକାଶ ଯେ. ଗୋଡିପଡା ଜାଗ୍ରୀ ଖଇରପଟି ଗାଁର କାଳୁ ନାୟକଙ୍କ ସ୍ତ୍ରୀ ଭାସି(୫୫)ଙ୍କର ଗର୍ଭାଶୟରେ ଯନ୍ତ୍ରଣା ହୋଇଥିଲା। ରୋଗର ଉପଶମ ପାଇଁ ଭାସିଙ୍କ ପୁଅ ମା'ଙ୍କୁ ନେଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କୁ ଦେଖାଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ବିଭିନ୍ନ ପରୀକ୍ଷଣ କରାଇଥିଲେ। ଜୁଲାଇ ୨୯ରେ ଡାକ୍ତର କିଛି ଔଷଧ ଲେଖିଦେଲେ। ବାହାର ଔଷଧ ଦୋକାନରୁ ଔଷଧ କିଣି ପୁଅ ମା'ଙ୍କୁ ଖୁଆଇଲେ। ଡାକ୍ତରଙ୍କ ପରାମର୍ଶ ଅନୁସାରେ, ତରଳ ଖାଦ୍ୟ ଦେଇ ଜୁଲାଇ ୩୦ରେ ଗର୍ଭାଶୟ ଅପସାରଣ ଲାଗି ଅସ୍ତ୍ରୋପଚାର ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ହେଲେ ଡାକ୍ତରଙ୍କୁ ଲାଞ୍ଚ ନ ଦେବାରୁ ତାଙ୍କୁ ହଇରାଣ କରାଯାଇଥିଲା। ଭାସିଙ୍କୁ ଅପରେଶନ କରା ନ ଯାଇ ଚିକିତ୍ସାଳୟରୁ ଅପମାନିତ କରି ଦୁଇ ଡାକ୍ତର ତଡି ଦେଇଥିଲେ। ସିଡିଏମ୍‌ଓଙ୍କ ନିର୍ଦ୍ଦେଶ ପରେ ବି ତାଙ୍କୁ ଆଉ ଥରେ ଆଡିମିଶନ କରାଇ ଦିଆଗଲାନାହିଁ। ସେ ବେସରକାରୀ ହସ୍ପିଟାଲରେ ଅପରେଶନ ହୋଇ ଚିକିତ୍ସିତ ଅଛନ୍ତି। ମା'ଙ୍କୁ ନ୍ୟାୟ ଦେବାକୁ ପୁଅ ରମେଶ ଚେଷ୍ଟା ଜାରି ରଖିଛନ୍ତି।

## ମହିଳାଙ୍କୁ ହତ୍ୟା ଅଭିଯୋଗ: ସ୍ୱାମୀ, ଶ୍ୱଶୁର ଅଟକ

**ନୟାଗଡ଼ ଅଫିସ,୧୩।୮**

ନୟାଗଡ଼ ଟାଉନ ଥାନା ନବଘନପୁର ଗାଁରେ ପ୍ରମିଳା ସେଠୀ (୨୭) ନାମ୍ନୀ ଜଣେ ବୋହୂଙ୍କୁ ଶାଶୁଘର ପକ୍ଷରୁ ହତ୍ୟା କରାଯାଇଛି ବୋଲି ବାପଘର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୬୭/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ସ୍ୱାମୀ ଓ ଶ୍ୱଶୁରଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପକ୍ଷେ ମୃତଦେହ ବ୍ୟବଚ୍ଛେଦ କରାଇ ବାପଘର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ବାପଘର ମୃତଦେହ ନ ନେବାରୁ ସ୍ୱାମୀଙ୍କୁ ପୋଲିସ ନେଇ ସଂସ୍କାର କରାଇଛି। ପ୍ରକାଶ ଯେ, ଶରଣକୁଳ ଥାନା କରଡାର ହରି ସେଠୀଙ୍କ ଝିଅ ୭ ବର୍ଷ ତଳେ ନବଘନପୁର ଗାଁର ନାରାୟଣ ସେଠୀଙ୍କୁ ବିବାହ କରିଥିଲେ। ବିବାହ ପରେ ଦମ୍ପତି ଭଲରେ ଚଳୁଥିଲେ। ପରେ ପ୍ରମିଳାଙ୍କୁ ମାନସିକ ଓ ଶାରୀରିକ ଭାବେ ଶାଶୁଘର ପକ୍ଷରୁ ଯୌତୁକଜନିତ ନିର୍ଯାତନା ଦିଆଯାଇଥିଲା। ପରେ ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ ହୋଇଛି।

## ରାସ୍ତାରୁ ଜବରଦଖଲକାରୀଙ୍କୁ ହଟାଗଲା

**ଖଣ୍ଡପଡ଼ା,୧୩।୮(ସ୍ୱ.ପ୍ର)**

ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତର ରେବତୀବଣିଆ ନୂଆସାହିକୁ ରାସ୍ତା ନିର୍ମାଣକୁ ନେଇ ଦୀର୍ଘ ୩୦ ବର୍ଷ ଧରି ବେଣାଗାଡିଆ ପଞ୍ଚାୟତର ବରକୋଳି ଗ୍ରାମବାସୀ ଓ ନୂଆସାହି ବାସିନ୍ଦାଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଯାହା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ରାସ୍ତାକୁ ନେଇ ବିବାଦ ମାମଲା ଉଚ୍ଚ ନ୍ୟାୟାଳୟରେ ପହଞ୍ଚି ଥିଲା। ଜିଲା ପ୍ରଶାସନ ପକ୍ଷରୁ ରାସ୍ତା ବିବାଦର ଆଶୁ ସମାଧାନ ନିମନ୍ତେ ବାରମ୍ବାର ଚେଷ୍ଟା ଜାରି ରହିଥିଲା। ଶୁକ୍ରବାର ପୂର୍ବାହ୍ନରେ ଖଣ୍ଡପଡା ତହସିଲ ପ୍ରଶାସନ ପକ୍ଷରୁ ରାସ୍ତା ନିର୍ମାଣରେ ପ୍ରତିବନ୍ଧକ ସାଜିଥିବା ଜବରଦଖଲକାରୀଙ୍କୁ ହଟାଇ ଦିଆଯିବା ପରେ ମର୍ଦ୍ଦରାଜପୁର ନୂଆସାହି ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଅନଧିକାର ଭାବେ ରାସ୍ତା ଉପରକୁ ମାଡି ସରକାରୀ ଜାଗାରେ ଅସ୍ଥାୟୀ ଭାବେ ଏକ ଚାଳ ଛପର ଘର ନିର୍ମାଣ କରି ରହୁଥିବା ବରକୋଳି ଗାଁର ହାଲୁରି ପ୍ରଧାନଙ୍କ ବାସଗୃହଟିକୁ ଜେସିବି ଲଗାଇ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି। ତହସିଲଦାର ପାର୍ଥ ସାରଥୀ ହାଁସଦା, ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ ଓ ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ଉପସ୍ଥିତରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ଆଇଆଇସିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଦାନରେ ସ୍ଥାନୀୟ ଅଞ୍ଚଳରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଦୀର୍ଘବର୍ଷ ପରେ ରାସ୍ତା ବିବାଦର ସମାଧାନ ହୋଇଥିବାରୁ ନୂଆସାହି ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ଲୋକେ ୨ୟ ଡୋଜ୍ ଟିକାରୁ ବଞ୍ଚିତ ହେଉଛନ୍ତି

**ଖଣ୍ଡପଡ଼ା,୧୩।୮(ସ୍ୱ.ପ୍ର.)**

**ପଞ୍ଜୀକରଣରେ ତ୍ରୁଟି**

ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲ ନୀତି ଯୋଗୁ ପ୍ରଥମ ଡୋଜ ଟିକା ନେଇଥିବା ଲୋକ ସମୟ ପାର ହୋଇଯାଇଥିଲେ ମଧ୍ୟ ୨ୟ ଡୋଜ୍ ନେବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ବିଭାଗୀୟ ବେପରୁଆ ମନୋଭାବ ଯୋଗୁ ପ୍ରଥମ ଡୋଜ ଟିକା ନେବା ପରେ ପଞ୍ଜୀକରଣରେ ତ୍ରୁଟି ଯୋଗୁ ପ୍ରମାଣପତ୍ର ମିଳୁନାହିଁ। ଫଳରେ ୨ୟ ଡୋଜ୍ ଟିକା ନେବାରେ ସମସ୍ୟା ଦେଖାଦେଇଛି। ଏପରିକି ପ୍ରଥମ ଡୋଜ୍ ନେବା ସମୟର ୯୦ ଦିନ ସମୟ ସୀମା ପାର ହୋଇ ଯାଇଥିଲେ ମଧ୍ୟ ଶତାଧିକ ବ୍ୟକ୍ତି କରୋନା ୨ୟ ଡୋଜ ଟିକା ନେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶକ୍ତି ପ୍ରସାଦ ମିଶ୍ରଙ୍କୁ ପଚାରିବାରେ ସମ୍ପ୍ରତି ଟିକାକରଣ ବ୍ୟବସ୍ଥା ଅଫ୍‌ଲାଇନରେ ହେଉଥିବାରୁ ଏପରି ତ୍ରୁଟି ସାରା ରାଜ୍ୟରେ ଘଟୁଛି ବୋଲି ସେ କହିଛନ୍ତି।

# ୮ବର୍ଷ ହେଲା ନୂଆ ଆମ୍ବୁଲାନ୍ସ ଖତଖାଉଛି

**ଖଣ୍ଡପଡ଼ା,୧୩।୮(ସ୍ୱ.ପ୍ର)**

**ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିଛି ଭଡା ଗାଡ଼ି**

ନୟାଗଡ଼ ଜିଲା କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ନୂଆ ଆମ୍ବୁଲାନ୍ସ ୮ ବର୍ଷ ପୂର୍ବରୁ କିଣା ହେବା ପରଠାରୁ ଅବ୍ୟବହୃତ ଅବସ୍ଥାରେ ପଡି ଖତ ଖାଉଛି। ସରକାରଙ୍କ ନୂତନ ନୀତି ନିୟମ କ୍ରମେ ୧୦୨ ଆମ୍ବୁଲାନ୍ସ ବୋଲେରୋ ଗାଡି ଭଡା ସୂତ୍ରରେ ନିୟୋଜିତ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଣ୍ଟିଲୋ ସମେତ ଆଖପାଖ ୭ଟି ପଞ୍ଚାୟତର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ, ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ଏହାଛଡା କଣ୍ଟିଲୋ ନୀଳମାଧବ ପୀଠ ଏକ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇବା ପରେ ପ୍ରତ୍ୟହ ଶତାଧିକ ପର୍ଯ୍ୟଟକ ଏହି ଅଞ୍ଚଳକୁ ଆସିଥା'ନ୍ତି। ଅନେକ ସମୟରେ ପର୍ଯ୍ୟଟକମାନଙ୍କ ମଧ୍ୟରୁ କେହି ଅସୁସ୍ଥ ହେଲେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସେବା ପାଇଁ ଆସିଥା'ନ୍ତି। ବିଭିନ୍ନ ସମୟରେ କୌଣସି ଦୁର୍ଘଟଣା ହେଉ ଅବା ଜରୁରିକାଳୀନ ଚିକିତ୍ସା ପାଇଁ ରୋଗୀମାନଙ୍କୁ ନୟାଗଡ଼ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିବାର ଆବଶ୍ୟକତା ରହିଥିବାରୁ କୌଣସି ଗାଡି ମିଳୁ ନାହିଁ। ରୋଗୀ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଅଞ୍ଚଳବାସୀଙ୍କ ବହୁ ଦାବି ପରେ ୨୦୧୩ ଅଗଷ୍ଟରେ ତତ୍କାଳୀନ ଖଣ୍ଡପଡା ବିଧାୟକ ସିଦ୍ଧାର୍ଥ ଶେଖର ସିଂହଙ୍କ ଅନୁଦାନ ପାଣ୍ଠିରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସ୍ୱାସ୍ଥ୍ୟ ବିଭାଗ ସୁପାରିସକ୍ରମେ ଏକ ମାରୁତି ଗାଡି ଆମ୍ବୁଲାନ୍ସ ସେବାରେ ବ୍ୟବହୃତ ଲକ୍ଷ୍ୟରେ କ୍ରୟ କରାଯାଇଥିଲା। ଏହାକୁ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ଏଠାରେ ଏହି ନୂଆ ଆମ୍ବୁଲାନ୍ସଟି ରହିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ବିଧି ବ୍ୟବସ୍ଥାକ୍ରମେ ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ଭଡାରେ ଆମ୍ବୁଲାନ୍ସ ଅଣାଯାଇ ଗାଡିପିଛା ମାସିକ ୧୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଉଛି। ତେବେ ସମ୍ପ୍ରତି ୧୦୨ ଆମ୍ବୁଲାନ୍ସ ପାଇଁ ବିଭାଗୀୟ ନିର୍ଦ୍ଦେଶକ୍ରମେ ବୋଲେରୋ ଗାଡି ଭଡାସୂତ୍ରରେ ଦିଆଯାଇଛି। ଅପରପକ୍ଷରେ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଜସ୍ୱ ଗାଡି ଲକ୍ଷାଧିକ ଟଙ୍କା ଅନୁଦାନରେ କ୍ରୟ କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥୁଆ ହୋଇରହିଛି। ସରକାର୍‌କା ମାଲ, ଦରିଆ ମେ ଡାଲ ନ୍ୟାୟରେ ସାଧାରଣରେ ଚର୍ଚ୍ଚା ହେଉଛି।




କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରରେ ଖତ ଖାଉଥିବା ଆମ୍ବୁଲାନ୍ସ।

# ବର୍ଷା ଅଭାବରୁ ଧାନରୁଆ ହୋଇପାରୁନି

## ତଳି ବୁଢ଼ା, ଜମି ଶୁଖିଲା, ଚାଷୀ ମୁଣ୍ଡରେ ଚଡ଼କ

**ନୂଆଗାଁ,୧୩।୮(ଡି.ଏନ.ଏ.)**

ଶ୍ରାବଣ ମାସ ସରିବାକୁ ବସିଲାଣି। ଏହି ମାସରେ ଅନବରତ ବର୍ଷା ହେବା ସହ ଚାଷକାର୍ଯ୍ୟ ଜୋରସୋର ଲାଗି ରହିଥାଏ। ଧାନତଳି ରୁଆ ସରି ଧାନ ଗଛ ବଢ଼ିଯିବା କଥା। କିନ୍ତୁ ଚଳିତବର୍ଷ ବର୍ଷା ଅଭାବରୁ ତଳି ଓପଡା ଯାଇ ପାରିନାହିଁ। ଜମିରେ ତଳିସବୁ ବୁଢ଼ା ହେବାକୁ ବସିଲାଣି। ଏହି ଚିନ୍ତାରେ ଚାଷୀମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ବର୍ଷାର ଅଭାବ ଦେଖାଦେଇଛି। ଅନ୍ୟପକ୍ଷେ ଜଳସେଚନର ସୁବିଧା ନାହିଁ। ଫଳରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କରୋନା ମହାମାରୀ ସମୟରେ ଜୀବନ ଜୀବିକା ଉପରେ ଘୋର ପ୍ରଭାବ ପଡିଛି। ଏଥିରୁ ମୁକ୍ତି ପାଇବାକୁ କୃଷକ ରାତିଦିନ ଏକ କରି ଜମିରେ ଲାଗିଥିବା ବେଳେ ଏବେ ବର୍ଷା ଦାଉ ସାଧୁଛି। ଚାଷ କାମ ପାଇଁ ଠିକ୍ ସମୟରେ ବର୍ଷା ନ ହେଲେ ଚାଷ ଉଜୁଡି ଯିବ। ତେବେ ବର୍ଷାକୁ ଚାତକ ପରି ଚାଷୀମାନେ ଚାହିଁ ବସିଛନ୍ତି। ବହୁ ପରିଶ୍ରମ କରି ପାଖରେ ଥିବା ଅର୍ଥ ଓ ସାହୁକାରଠାରୁ କରଜ କରି, ବିହନ କିଣି ତଳି ପକାଇଥିଲେ। ଆକାଶ ମେଘାଚ୍ଛନ୍ନ ହୋଇ ରହିଥିଲେ ମଧ୍ୟ ବର୍ଷା ହେଉନାହିଁ। ତଳି ଓପାଡ଼ି ଧାନରୁଆ ପାଇଁ ଅନେକ ଜମି କାଦୁଅ କରିବା ପରେ ଶୁଖିଲା ପଡିଛି। ଆଉ ଅନେକ ଜମି ଚାଷ ନ ହୋଇ ପଡି ରହିଛି। ଫଳରେ ଚଳିତବର୍ଷ ଧାନରୁଆ ଆଉ ସମ୍ଭବ ନୁହେଁ ବୋଲି ଚାଷୀ ବିପ୍ର ଚରଣ ସାସ୍‌ମଲ, ମହେଶ୍ୱର ମହାନ୍ତି, ସୁଧୀର କୁମାର ପ୍ରଧାନ, ଭାବଗ୍ରାହୀ ସିଠ, ରାକେଶ କୁମାର ଦାଶ ପ୍ରମୁଖ କହିଛନ୍ତି।

### ଜଳସେଚନର ସୁବିଧା ନାହିଁ

ନୂଆଗାଁ ବ୍ଲକରେ ଜଳସେଚନର ସୁବିଧା ନାହିଁ। କେତେକ ପଞ୍ଚାୟତରେ ସରକାରଙ୍କ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିବା ବେଳେ ଆଉ କେତେଗୋଟି ପଞ୍ଚାୟତରେ କ୍ଷୁଦ୍ର ଜଳସେଚନ ଓ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଜଳସେଚନ ପ୍ରକଳ୍ପ ରହିଛି। କିନ୍ତୁ ସେଗୁଡିକ କାମରେ ଆସୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

କେଉଁଠି ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡିରହିଛି ତ ଆଉ କେଉଁଠାରେ ଠିକାଦାର ଅଧା କାମ କରି ଛାଡ଼ି ଦେଇଛନ୍ତି। ଫଳରେ ଜମିରେ ପାଣିମାଡିବା ତ ଦୂରର କଥା, ଏପରିକି ପୋଖରୀ ଶୁଖିଲା ପଡିଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ନୂଆଗାଁ ତହସିଲଦାର ପ୍ରଜ୍ଞାନନ୍ଦ ଶତପଥୀଙ୍କୁ ପଚାରିବାରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଚାଷୀମାନଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।



ଧାନ ତଳି ବୁଢ଼ା ହୋଇଯାଇଛି।



ଜମି ଶୁଖିଲା ପଡ଼ିଛି।